

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର, ୨୭ ସେପ୍ଟେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 27 SEPTEMBER 2022

Vol.No. 35 ■ No. 252 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଙ୍ଗଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧

କଂଗ୍ରେସ ସଭାପତି ନିର୍ବାଚନ ରେସରୁ ହଟିପାରନ୍ତି ଗେହଲଟ

ନୂଆଦିଲ୍ଲୀ, ୨୬/୦୯ : ଅଶୋକ ଗେହଲଟ ଯଦି କଂଗ୍ରେସ ସଭାପତି ହୁଏନ୍ତି ତେବେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ କିଏ ହେବ ତାକୁ ନେଇ ରାଜସ୍ଥାନରେ ଦେଖାଦେଇଥିବା ରାଜନୈତିକ ଅସ୍ଥିତାର ସମାଧାନ ନେଇ ଚିନ୍ତାରେ ପଡିଯାଇଛି କଂଗ୍ରେସ । କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ମଲିକାର୍ଜୁନ ଖଡଗେ ଏବଂ ଅଜୟ ମାକନଙ୍କ ସହ ଆଲୋଚନା କରିବାକୁ ଗେହଲଟଙ୍କ ଗୋଷ୍ଠୀର ୯୦ ଅଧିକ ବିଧାୟନ ମନା କରିଦେଇଛନ୍ତି । ଏହି ଦୁଇ ନେତା ଦିଲ୍ଲୀ ଯାଇ ବିଧାୟକମାନେ ରଖିଥିବା ଦାବି ନେଇ ସୋନିଆ ଗାନ୍ଧୀଙ୍କୁ ରିପୋର୍ଟ ଦେଇଛନ୍ତି । ତେବେ ବିବାଦର ସମାଧାନ ପାଇଁ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କମଲ ନାଥଙ୍କୁ ଦିଲ୍ଲୀ ଡକାଯାଇଛି । ସେ ସୋମବାର ଦିଲ୍ଲୀ ଯାଇ ସୋନିଆ ଗାନ୍ଧିଙ୍କୁ ଭେଟିବା ପରେ ରାଜସ୍ଥାନ ଯିବେ ବୋଲି ସୂଚନା ମିଳିଛି । ତେବେ ବିବାଦ ବଢିବା ପରେ ଅଶୋକ ଗେହଲଟଙ୍କୁ ସଭାପତି ପାଇଁ ନିର୍ବାଚନ ନଲଢିବାକୁ କହିଛି କଂଗ୍ରେସ କାର୍ଯ୍ୟକାରିଣୀ କମିଟି । ତାଙ୍କ ସ୍ଥାନରେ ଅନ୍ୟ କାହାକୁ ସଭାପତି ନିର୍ବାଚନ ଲଢିବାକୁ ପରାମର୍ଶ ଦେଇଛନ୍ତି କଂଗ୍ରେସର ବରିଷ୍ଠ ନେତା । ଏପଟେ କଂଗ୍ରେସ ଭିତରେ ଏଭଳି ବିବାଦକୁ ନେଇ ସମାଲୋଚନା କରିଛନ୍ତି ବିରୋଧୀ । ବିଜେପି କହିଛି କଂଗ୍ରେସ ସଭାପତି ଅପେକ୍ଷା କଂଗ୍ରେସ ନେତା ମୁଖ୍ୟମନ୍ତ୍ରୀ ହେବାକୁ ଅଧିକ ପସନ୍ଦ କରୁଛନ୍ତି । ସେହିପରି ଆପ୍ କଟାକ୍ଷ କରି କହିଛି କଂଗ୍ରେସ ଭାରତ ଯୋଡ ଯାତ୍ରା ପରିବର୍ତ୍ତେ ପ୍ରଥମେ କଂଗ୍ରେସ ଯୋଡ ଯାତ୍ରା କରୁ ।

ବିଦେଶରେ ଚାକିରି ନାମରେ ଠକେଇ ଓ ଅପହରଣ ଅଭିଯୋଗରେ ଆଉ ୭ ଜଣ ଗିରଫ

କୋଲକାତା, ୨୬/୦୯ (ନି.ପ୍ର): ଆମେରିକା ସମେତ ବିଶ୍ୱର ଅନ୍ୟ ଦେଶରେ ଚାକିରି କରାଇଦେବା ନାମରେ ପୋଲିସ ଏହି ଗ୍ୟାଙ୍ଗର ଆଉ ୭ ଜଣଙ୍କୁ ଗିରଫ କରିଛି । ଏମାନେ ଚାକିରୀ ନାମରେ ଯୁବକଙ୍କୁ ଫାଶରେ ପକାଉଛନ୍ତି ଏବଂ ପରେ ସେମାନଙ୍କୁ ଅପହରଣ କରି ବଟି ଆଦାୟ କରୁଛନ୍ତି । ପୋଲିସ ଏପର୍ଯ୍ୟନ୍ତ ଏହି ମାମଲାରେ ଦଶ ଜଣଙ୍କୁ ଗିରଫ କରିଛି । ଏହି ସମସ୍ତଙ୍କୁ କୋର୍ଟ ଦଶ ଦିନ ପାଇଁ ପୋଲିସ ହେପାଜତକୁ ପଠାଇଛନ୍ତି । ରବିବାର ଦିନ, ବିଧାନନଗର ପୋଲିସ କମିଶନର ଦଳ ଏକ ଗ୍ୟାଙ୍ଗକୁ କାବୁ କରିଥିଲେ ଯାହା ସେମାନଙ୍କୁ ଯୁବକମାନଙ୍କୁ ବିଦେଶରେ ଚାକିରି ଦେବା ବାହାନା କରି ପ୍ରତାରଣା କରିଥିଲେ । ପରେ ସେମାନଙ୍କୁ ଡାକି ସେମାନଙ୍କୁ ଅପହରଣ କରି ପରିବାର ସଦସ୍ୟଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଥିଲେ । ପୋଲିସ ପଞ୍ଜାବ ଏବଂ ହରିୟାଣାର ୧୮ ଜଣଙ୍କୁ ସେମାନଙ୍କ କବଳରୁ ମୁକ୍ତ କରି କରିଥିଲା ।

ସ୍କୁଲରେ ଗୁଳିକାଣ୍ଡ ଘଟି ୧୩ ମୃତ

ମସ୍କୋ,୨୬/୦୯ : ରୁଷ-ୟୁକ୍ରେନ ଯୁଦ୍ଧ ଭିତରେ ଏକ ବିସ୍ଫୋରକ ଘଟଣା ଘଟିଛି । କେନ୍ଦ୍ରୀୟ ରଷ ସ୍ଥିତ ଇଜେଭସ୍କରେ ଏକ ବିଦ୍ୟାଳୟରେ ଗୁଳି ଚାଳନା ହୋଇଥିବା ଖବର ସାମ୍ନାକୁ ଆସିଛି । ଏଥିରେ ପ୍ରାୟ ୧୩ଜଣଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ୭ ଜଣ ଶିଶୁ ଅଛନ୍ତି । ରୁଷର ଅଫିସିଆଲ ନ୍ୟୁଜ୍ ଏଜେନ୍ସି ଟାସ ଏହି ସୂଚନା ଦେଇଛି । ଇଜେଭସ୍କର ୮୮ ନମ୍ବର ସ୍କୁଲରେ ଗୁଳି ଚାଳନା ହୋଇଛି । ଗୁଳିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ । ଉଦ୍ଧାର କାର୍ଯ୍ୟକୁ ଜୋରଦାର କରାଯାଇଛି । ଆକ୍ରମଣକାରୀ କାହିଁକି ଗୁଳି ଚଳାଇଲେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ । ଟାସ୍‌ର ସୂଚନା ଅନୁସାରେ, ସୋମବାର ରଷର ଇଜେଭସ୍କ ସ୍ଥିତ ଏକ ସ୍କୁଲରେ ଜଣେ ବନ୍ଧୁକଧାରୀ ଗୁଳି ଚଳାଇଥିଲା । ଟେଲିଗ୍ରାମ ମେସେଞ୍ଜର ଆପରେ ଦେଇଥିବା ବୟାନରେ ଅଞ୍ଚଳର ଗଭର୍ଣ୍ଣର ଆଲେକ୍ସଜାଣ୍ଡାର୍ ବ୍ରେଚଲୋଭ୍ କହିଛନ୍ତି ଯେ, ବିଦ୍ୟାଳୟରେ ଉଦ୍ଧାରକାରୀ ଦଳ ପହଞ୍ଚି ସାରିଛନ୍ତି । ମୃତକଙ୍କ ମଧ୍ୟରେ ପିଲାମାନେ ବି ଅଛନ୍ତି । ଅନ୍ୟପଟେ ଆକ୍ରମଣକାରୀ ନିଜେ ମଧ୍ୟ ନିଜକୁ ଗୁଳି କରିଥିବା ଗଭର୍ଣ୍ଣର କହିଛନ୍ତି । ରୁଷର ଅନ୍ତରୀଣ ମନ୍ତ୍ରଣାଳୟ କହିଛି ଯେ, ଏହି ଘଟଣାରେ ଅତିକମରେ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି ।

କେନ୍ଦ୍ରୀୟ ମନ୍ତ୍ରୀ ନାରାୟଣ ରାଣେଙ୍କୁ ସୁପ୍ରିମକୋର୍ଟର ଝଟକା : ୮ ମହଲା ବଙ୍ଗଳାରେ ଚଢିବ ବୁଲଡୋଜର

ନୂଆଦିଲ୍ଲୀ, ୨୬/୦୯ : କେନ୍ଦ୍ରୀୟ ମନ୍ତ୍ରୀ ନାରାୟଣ ରାଣେଙ୍କ ମୁମ୍ବାଇସ୍ଥିତ ୮ ମହଲା ବଙ୍ଗଳାରେ ବୁଲଡୋଜର ଚାଲିବ । ଜଷ୍ଟିସ୍ ସଂଜୟ କିଶୋର କୋଲଙ୍କ ଅଧ୍ୟକ୍ଷତା ବେଂଚରେ ବମ୍ବେ ହାଇ କୋର୍ଟର ଶୁଣାଣୀ ବିରୋଧରେ ରାଣେଙ୍କ ପାରିବାରିକ କଂପାନିର ଆବେଦନକୁ ସୁପ୍ରିମ କୋର୍ଟ ଖାରଜ କରିଦେଇଛନ୍ତି । ବମ୍ବେ ହାଇ କୋର୍ଟ ୨୦ ସେପ୍ଟେମ୍ବରରେ ବଂଗଳାର ତିଆରି ହୋଇଥିବା ଅଂଶ ପରିବେଶ ନିୟମକୁ ଉଲଙ୍ଘନ କରିଥିବା ନେଇ ବାଙ୍ଗିଦେବାକୁ କହିଥିଲେ । ହାଇ କୋର୍ଟ ବିଏମ୍ ସିକୁ ନାରାୟଣ ରାଣେଙ୍କ ବଂଗଳାର ଅନଧିକାର ଅଂଶକୁ ଦୁଇ ସପ୍ତାହ ମଧ୍ୟରେ ଭାଙ୍ଗିଦେବାକୁ ନିର୍ଦ୍ଦେଶ ଦେଇଥିଲେ । ହାଇ କୋର୍ଟ କହିଥିଲେ ଯେ ବିଏମସି ସୁପ୍ରିମ୍ କୋର୍ଟ ଓ ହାଇ କୋର୍ଟର ନିର୍ଦ୍ଦେଶକୁ ଉଲଙ୍ଘନ କରୁଛି । ହାଇକୋର୍ଟର ଆଦେଶକୁ ଚ୍ୟାଲେଂଚ କରି ରାଣେଙ୍କ ପରିବାର କଂପାନି ସୁପ୍ରିମ କୋର୍ଟର ଦ୍ୱାରସ୍ଥ ହୋଇଥିଲେ ।

୨୪ ଯାଏ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ହେବନି : ଦାୟିତ୍ୱରେ ରହିବେ ନଡ୍ଡା !

ନୂଆଦିଲ୍ଲୀ, ୨୬/୦୯ : ୨୦୨୪ ଯାଏ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ହେବନି । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଜେପି ନଡ୍ଡାଙ୍କ କାର୍ଯ୍ୟକାଳକୁ ସମ୍ପ୍ରସାରଣ କରାଯିବା ନେଇ ଚର୍ଚ୍ଚା ହେଉଛି । ଅର୍ଥାତ ୨୦୨୪ ସାଧାରଣ ନିର୍ବାଚନ ଯାଏଁ ଜେପି ନଡ୍ଡା ଅଧ୍ୟକ୍ଷ ରହିବେ । ଆଗାମି ଦିନରେ ରାଜ୍ୟ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇ ଥିବା ସୂଚନା ମିଳିଛି । ୨୦୨୩ ଜାନୁଆରୀ ୨୦ରେ ନଡ୍ଡାଙ୍କ କାର୍ଯ୍ୟକାଳ ଶେଷ ହେଉଥିଲା । ସେ ଦଳର ସର୍ବସମ୍ମତିକ୍ରମେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ । ବିଜେପିର ସମ୍ବିଧାନ ଅନୁଯାୟୀ ଦଳର ଅଧ୍ୟକ୍ଷ ଭାବେ ଜଣେ ନେତା ଲଗାତାର ଦୁଇ ପାଳି ପର୍ଯ୍ୟନ୍ତ ରହିପାରିବେ । ନଡ୍ଡା ପ୍ରଥମ ସାତ ମାସ ପାଇଁ ବିଜେପିର କାର୍ଯ୍ୟକାରୀ ଅଧ୍ୟକ୍ଷ ଥିଲେ । ଏହା ପରେ, ଜାନୁଆରି ୨୦, ୨୦୨୦ରେ ସେ ଜାତୀୟ ଅଧ୍ୟକ୍ଷ ପଦ ଗ୍ରହଣ କରିଥିଲେ । ସେହି ଅନୁଯାୟୀ, ତାଙ୍କର ତିନି ବର୍ଷ କାର୍ଯ୍ୟକାଳ ଜାନୁଆରି ୨୦, ୨୦୨୩ରେ ରେ ସମାପ୍ତ ହେଉଛି । ତେବେ, ୨୦୨୪ର ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ବିଜେପି ତାଙ୍କୁ ଅଧ୍ୟକ୍ଷ ପଦ ସମ୍ଭାଳିବାକୁ ସୁଯୋଗ ଦେଇପାରେ ବୋଲି ଚର୍ଚ୍ଚା ହେଉଛି । ଛାତ୍ର ଜୀବନରୁ ରାଜନୀତିରେ ପ୍ରବେଶ କରିଥିବା ନଡ୍ଡା ନିଜର ସ୍ୱଚ୍ଛ ଭାବମୂର୍ତ୍ତି ପାଇଁ ଜଣାଶୁଣା । ସେ କେବଳ କେନ୍ଦ୍ରରେ ନୁହେଁ ହିମାଚଳ ପ୍ରଦେଶରେ ମଧ୍ୟ ମନ୍ତ୍ରୀ ରହିଛନ୍ତି । ୧୯୯୮ରୁ ୨୦୦୩ପର୍ଯ୍ୟନ୍ତ ସେ ହିମାଚଳ ପ୍ରଦେଶରେ କ୍ୟାବିନେଟ ମନ୍ତ୍ରୀ ଥିଲେ । ଏହା ପରେ ସେ ୨୦୦୮ରୁ ୨୦୧୦ପର୍ଯ୍ୟନ୍ତ ଧୁମଲ ସରକାରରେ ମନ୍ତ୍ରୀ ପଦ ମଧ୍ୟ ଗ୍ରହଣ କରିଥିଲେ । ୨୦୧୨ରେ ସେ ପ୍ରଥମ ଥର ପାଇଁ ରାଜ୍ୟସଭାର ସଦସ୍ୟ ହୋଇଥିଲେ । ମୋଦି ସରକାରରେ ସେ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ଦାୟିତ୍ୱ ଗ୍ରହଣ କରିସାରିଛନ୍ତି ।

ଅକ୍ଟୋବର ପହିଲାରୁ ବଢିବ ବର୍ଷା

ଭୁବନେଶ୍ୱର, ୨୬/୦୯ (ନି.ପ୍ର): ଆଗାମୀ ୩ ରୁ ୪ ଦିନ ମଧ୍ୟରେ ଦେଶର ଉତର-ପଶ୍ଚିମ ଭାଗର ଅନେକ ଅଂଶ ଏବଂ ପାର୍ଶ୍ୱବର୍ତୀ କେନ୍ଦ୍ରୀୟ ଅଂଚଳର କିଛି ଭାଗରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅପସାରଣ ପାଇଁ ପାଣିପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡଘଡି ବିଜୁଳି ସହ ବର୍ଷା ଜାରି ରହିଛି । ଆଗାମୀ ୪ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ । ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ୧ ଅକ୍ଟୋବରରୁ ରାଜ୍ୟରେ ବର୍ଷାରେ ବୃଦ୍ଧି ସମ୍ଭାବନା ବୋଲି ପାଣିପାଗ ବିଭାଗ ଆକଳନ କରିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, ମାଲକାନଗିରି, ▶▶ପୃଷ୍ଠା ୭

ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବା ନିୟମ ବଦଳିଲା

ଭୁବନେଶ୍ୱର,୨୬/୦୯ (ନି.ପ୍ର): ଗାଡିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବା ନିୟମକୁ ସାମାନ୍ୟ କୋହଳ କରିଛନ୍ତି ରାଜ୍ୟ ସରକାର । ଧାର୍ଯ୍ୟ ତାରିଖ ସୁଦ୍ଧା ବୁକିଂ କରିଥିଲେ କୌଣସି ଗାଡି ମାଲିକଙ୍କୁ ଜରିମାନା ଦେବାକୁ ପଡ଼ିବନାହିଁ । ଚେକିଂ ବେଳେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ପାଇଁ ହୋଇଥିବା ଅନଲାଇନ ବୁକିଂ ସ୍ଲିପ୍ ଦେଖାଇଲେ ଗାଡ଼ି ମାଲିକ ବା ଚାଳକ ଜରିମାନାରୁ ବର୍ତ୍ତିପାରିବେ । ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସଟିଏ) ଏହି ଘୋଷଣା କରିଛନ୍ତି । ହାଇସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇବା ଡେଡଲାଇନ ସରିଆସୁଥିବାରୁ ହଜାର ହଜାର ସଂଖ୍ୟାରେ ଲୋକେ ଅନଲାଇନରେ ସ୍ଲଟ ବୁକିଂ କରୁଛନ୍ତି । ଯାହାଫଳରେ ଧାର୍ଯ୍ୟ ସମୟ ମଧ୍ୟରେ ଲୋକଙ୍କୁ ସ୍ଲଟ ମିଳିପାରୁନାହିଁ । ତେଣୁ ଲୋକେ ଚେକିଂକୁ ନେଇ ଆଶଙ୍କାରେ ରହିଛନ୍ତି । ଏହାକୁ ଦୃଷ୍ଟିରେ ରଖି ବୁକିଂ ସ୍ଲିପ୍ ଦେଖାଇଲେ ଜୋରିମାନା ଆଦାୟ ହେବନାହିଁ ବୋଲି ନିଷ୍ପତି ନେଇଛନ୍ତି ରାଜ୍ୟ ପରିବହନ କର୍ତ୍ତୃପକ୍ଷ । ଯଦି ବୁକିଂ କରିନଥିବେ ତେବେ ଚେକିଂ ସମୟରେ ଧରାପଡିଲେ ୫ ରୁ ୧୦ ହଜାର ପର୍ଯ୍ୟନ୍ତ ଜରିମାନା ଗଣିବାକୁ ପଡିବ । ନିୟମ ଅନୁସାରେ ଗାଡିଗୁଡିକର ପଞ୍ଜୀକରଣ ନମ୍ବର ଅନୁସାରେ ଏଚଏସଆରପି ଲଗାଇବାର ବିଭିନ୍ନ ସମୟ ସୀମା ଧାର୍ଯ୍ୟ କରାଯାଇଛି । ଯଦି ଗାଡ଼ିର ପଞ୍ଜୀକରଣର ଶେଷ ନମ୍ବର ୧ କିମ୍ବା ୨ ହୋଇଥାଏ, ତା'ହେଲେ ଅଗଷ୍ଟ ଶେଷ ସୁଦ୍ଧା ନୂଆ ନମ୍ବର ପ୍ଲେଟ୍ ଲଗାଇବାକୁ ହେବ । ପଞ୍ଜୀକରଣ ଶେଷ ନମ୍ବର ୩ ଓ ୪ ହୋଇଥିଲେ ସେପ୍ଟେମ୍ବର ୩୦ ସୁଦ୍ଧା, ୫ ଓ ୬ ନମ୍ବର ଥିବା ଗାଡି ଅକ୍ଟୋବର ୩୧ ସୁଦ୍ଧା , ୭ ଓ ୮ ନମ୍ବର ଥିବା ଗାଡି ନଭେମ୍ବର ୩୦ ତାରିଖ ସୁଦ୍ଧା ଏବଂ ୯ ଓ ୦ ଥିଲେ ଡିସେମ୍ବର ୩୧ ତାରିଖ ସୁଦ୍ଧା ନୂଆ ପ୍ଲେଟ ଲଗାଇବାକୁ ପଡ଼ିବ ।

ଓ୍ୱେବସିରିଜ୍ ନିର୍ମାଣକୁ ବିରୋଧ କଲେ ଅଞ୍ଜନା

ଭୁବନେଶ୍ୱର,୨୬/୦୯ (ନି.ପ୍ର): ବହୁଚର୍ଚ୍ଚିତ ଗଣଦୁଷ୍କର୍ମ ପୀଡିତା ଅଞ୍ଜନା ମିଶ୍ରଙ୍କ ଜୀବନ କାହାଣୀକୁ ନେଇ ନିର୍ମାଣ ହେଉଛି ଏକ ଓ୍ୱେବ ସିରିଜ୍ ବାରଙ୍ଗ -୧୯୯୯ । ତେବେ ତାଙ୍କ ଅଜାଣତରେ ଓ୍ୱେବସିରିଜ୍ ନିର୍ମାଣ ହେଉଥିବା ଅଭିଯୋଗ କରିଛନ୍ତି ଅଞ୍ଜନା ମିଶ୍ର । ଓ୍ୱେବସିରିଜ୍ ନିର୍ମାଣକାରୀ ସଂସ୍ଥା ଏ ବିଷୟରେ ତଙ୍କ ସହ କଥା ହୋଇ ନାହାନ୍ତି କି ତାଙ୍କର ଅନୁମତି ନେଇନାହାନ୍ତି । ତାଙ୍କ ଜୀବନ କାହାଣୀକୁ ନେଇ ନିମାଣେକାରୀ ସଂସ୍ଥା ଓ୍ୱେବସିରିଜ୍ ତିଆରି କରୁଥିବା ସମ୍ପର୍କରେ ସେ ଖବରକାଗଜରୁ ଜାଣିବାବକୁ ପାଇଛନ୍ତି । ନିର୍ମାଣ କରାଯାଉଥିବା ଓ୍ୱେବସିରିଜ୍ ତୁରନ୍ତ ବନ୍ଦ ନକଲେ ସେ ଆଇନର ଆଶ୍ରୟ ନେବେ ବୋଲି ସେ ଚେତାବନୀ ଦେଇଛନ୍ତି । ଅନ୍ୟପକ୍ଷରେ ଅଞ୍ଜନା ମିଶ୍ରଙ୍କ ଅଭିଯୋଗ ନେଇ ପ୍ରତିକ୍ରିୟା ଦେଇ ଓ୍ୱେବ ସିରିଜ ନିର୍ମାତା ଅକ୍ଷୟ ପରିଜା କହିଛନ୍ତି 'ବାରଙ୍ଗ ୧୯୯୯' ଏଭଳି ଏକ ବିଷୟ ଉପରେ ଆଧାରିତ, ଯେଉଁଠାରେ ଦର୍ଶକ ନିଜକୁ ଖୋଜି ପାଇବେ । ଏହି ବିଷୟ କାହାରି ବ୍ୟକ୍ତିଗତ ଘଟଣାକୁ ନେଇ କରାଯାଇନି ।

ଏନସାଇକ୍ଲୋପିଡିଆ ଅଫ ଟ୍ରାଇବସ୍ ଇନ୍ ଓଡିଶାର ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬/୦୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଦିନ 'ଏନସାଇକ୍ଲୋପିଡିଆ ଅଫ ଟ୍ରାଇବସ୍ ଇନ୍ ଓଡିଶା ବହିର ୫ଟି ଖଣ୍ଡକୁ ଉନ୍ମୋଚନ କରିଛନ୍ତି । ଭୁବନେଶ୍ୱର ସ୍ଥିତ ଏସସିଏସଟିଆରଟିଆଇ ଠାରେ ମୁଖ୍ୟମନ୍ତ୍ରୀ ଏହି ବହିର ଉନ୍ମୋଚନ କରିଥିଲେ । ପ୍ରଥମ ରାଜ୍ୟ ଭାବେ ଓଡିଶା ଆଦିବାସୀଙ୍କୁ ନେଇ ଏନସାଇକ୍ଲୋପିଡିଆ ରିଲିଜ କରିଛି । ୩୮୦୦ ପୃଷ୍ଠା ସମ୍ବଳିତ ୫ଟି ବହିରେ ୪୧୮ ଗବେଷଣାତ୍ମକ ସ୍ତମ୍ଭ ପ୍ରକାଶିତ ହୋଇଛି । ଯେଉଁଥିରେ ୬୨ ଜନଜାତି ଓ ୧୩ ଭଲନରେବଲ୍ ଜନଜାତିଙ୍କ ସମ୍ବନ୍ଧୀୟ ସ୍ତମ୍ଭ ଉଲ୍ଲେଖ ରହିଛି । ଆଦିବାସୀଙ୍କ ସମ୍ପର୍କରେ ▶▶ପୃଷ୍ଠା ୭

ହେଲିକପ୍ଟର କ୍ରାଶ : ୨ ମେଜରଙ୍କ ସମେତ ୬ ମୃତ

ରାଓ୍ୱଲପିଣ୍ଡି,୨୬/୦୯ : ପାକିସ୍ତାନ ଅଧୀନରେ ଥିବା ବାଲୋଚିସ୍ତାନରେ ଭୟଙ୍କର ଦୁର୍ଘଟଣା ଘଟିଛି । ପାକିସ୍ତାନ ସେନାର ଗୋଟିଏ ହେଲିକପ୍ଟର କ୍ରାଶ କରିଯିବାରୁ ୨ ମେଜେରଙ୍କ ସମେତ ମୋଟ ୬ ଜଣ ପ୍ରାଣ ହରାଇଛନ୍ତି । ଏ ସମ୍ପର୍କରେ ଆଇଏସ୍ ?ପିଆର ପକ୍ଷରୁ ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ହରନାଇ ଜିଲ୍ଲାର ଖୋଷ୍ଟ ସହରରେ ଗୋଟିଏ ଉଡ଼ାଣ ମିଶନରେ ହେଲିକପ୍ଟରଟି ବାହାରିଥିଲା । ତେବେ ଉଡ଼ାଣର କିଛି ସମୟ ମଧ୍ୟରେ ଏହା କ୍ରାଶ କରି ଯାଇଥିଲା । ୬ ମୃତକଙ୍କ ମଧ୍ୟରେ ହେଲିକପ୍ଟରର ଦୁଇ ପାଇଲଟ ମଧ୍ୟ ରହିଛନ୍ତି । ପ୍ରାଣ ହରାଥିବା ବ୍ୟକ୍ତିମାନେ ହେଲେ ମେଜର ଖୁରାମ ଶାହଜାଦ, ମେଜର ▶▶ପୃଷ୍ଠା ୭

ନୂଆ ଦଳ ଗଠନ କଲେ ଆଜାଦ, ନାଁ ରଖିଲେ ଡେମୋକ୍ରାଟିକ ଆଜାଦ ପାର୍ଟି

ନୂଆଦିଲ୍ଲୀ, ୨୬/୦୯ : କଂଗ୍ରେସ ସହ ଦୀର୍ଘ ୫୦ ବର୍ଷର ସମ୍ପର୍କଛିନ୍ନ କରିଥିବା ଗୁଲାମ ନବୀ ଆଜାଦ ବିଧିବଦ୍ଧ ଭାବେ ନିଜର ନୂଆ ରାଜନୀତିକ ଦଳ ଗଠନ କରିଛନ୍ତି । ଆଜାଦଙ୍କ ନୂଆ ଦଳର ନାଁ 'ଡେମୋକ୍ରାଟିକ ଆଜାଦ ପାର୍ଟି' ରହିଛି । ଆଜି ସେ ନୂଆ ରାଜନୀତିକ ଦଳ ଲଞ୍ଚ କରିବା ସହ ଦଳୀୟ ପତାକାଙ୍କୁ ମଧ୍ୟ ଉନ୍ମୋଚନ କରିଛନ୍ତି । ଆଜି ସାମ୍ବାଦିକ ସମ୍ମିଳନୀ କରି ଆଜାଦ କହିଛନ୍ତି, "ସମସ୍ତ ଆଞ୍ଚଳିକ ଓ ଜାତୀୟ ଗଣମାଧ୍ୟମକୁ ମୁଁ ମୋର କୃତଜ୍ଞତା ଜଣାଉଛି । ଆମେ ସବୁବେଳେ ସ୍ୱାଧୀନ ଚିନ୍ତାଧାରା ଓ ନୀତିକୁ କାଏମ ରଖିବୁ । ଆମ ଦଳ ସବୁବେଳେ ଗଣତାନ୍ତ୍ରିକ ପାର୍ଟି ହୋଇ ରହିବ । ଏବେ ଆମ ଦଳର ପଞ୍ଜୀକରଣ କରିବା ହିଁ ସବୁଠାରୁ ବଡ଼ କାମ । ନିର୍ବାଚନ ଯେକୌଣସି ସମୟରେ ହୋଇପାରେ । ଆମ ଦଳ ଏଯାଏ ପଞ୍ଜୀକରଣ ହୋଇନାହିଁ । ତେଣୁ ଏହାକୁ ପଞ୍ଜୀକରଣ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି । ସେହିପରି ଆମର ରାଜନୀତିକ କାର୍ଯ୍ୟକଳାପ ମଧ୍ୟ ଜାରି ରହିବ ।" ଆଜାଦଙ୍କ ପାର୍ଟିର ପତାକରେ ବ୍ଲୁ, ଧଳା ଓ ହଳଦିଆ ରଙ୍ଗ ରହିଛି । ଆଜାଦ ଆହୁରି କହିଛନ୍ତି, "ଆମ ପାଖକୁ ଉର୍ଦ୍ଦୁ ଓ ସଂସ୍କୃତ ଭାଷାରେ ଦଳର ନାଁ ପାଇଁ ୧୫ଶହ ପ୍ରସ୍ତାବ ଆସିଥିଲା । ହିନ୍ଦୀ ଓ ଉର୍ଦ୍ଦୁର ମିଶ୍ର ହେଉଛନ୍ତି 'ହିନ୍ଦୁସ୍ତା

ପିପୁଲ୍ସ କଲେଜରେ ଆଗାମୀ ଗାନ୍ଧୀ ଜୟନ୍ତୀ ପାଳନ ଉପଲକ୍ଷେ ଆଲୋଚନାଚକ୍ର

ଗଞ୍ଜାମ,୨୬/୦୯ (ନି.ପ୍ର): ବୁଗୁଡା ସ୍ଥାନୀୟ ପିପୁଲ୍ସ କଲେଜ ପକ୍ଷରୁ ଆଗାମୀ ଗାନ୍ଧୀ ଜୟନ୍ତୀ ପାଳନ ଉପଲକ୍ଷେ ଆଜି କଲେଜ ପରିସରରେ ସଫେଇ କାର୍ଯ୍ୟକ୍ରମ ସହ ଏକ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ରଜନୀକାନ୍ତ ଦାଶ ଅଧ୍ୟକ୍ଷତା କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ରଜନୀ କାନ୍ତ ଭଟ୍ଟ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଅନ୍ତର୍ଯ୍ୟାମୀ ପରିଡା, ସମ୍ମାନିତ ଅତିଥି ଭାବେ ଯୁବ କ୍ରୀଡ଼ାବିତ୍ ଏମ୍. ଶ୍ରୀନିବାସ ଦୋରା ଯୋଗ ଦେଇଥିଲେ । ଏହି ଅବସରରେ ଶୀର୍ଷକ " ସାମ୍ପ୍ରତିକ ସ୍ଥିତିରେ ଗାନ୍ଧୀ ଦର୍ଶନର ପ୍ରାସଙ୍ଗିକତା" ଉପରେ ଆଲୋଚନା କରାଯାଇଥିଲା ବେଳେ ୩ ଦ୍ୱିତୀୟ ବର୍ଷ ରାଜନୀତି ବିଜ୍ଞାନର ଛାତ୍ରୀ ପୂଜାରାଣୀ ଦାସ ଆଲୋଚ୍ୟ ଶୀର୍ଷକ ସମ୍ପର୍କିତ ଏକ ସନ୍ଦର୍ଭ ପାଠ କରିଥିଲେ । ଉକ୍ତ ଆଲୋଚନାଚକ୍ର କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଧ୍ୟାପକ ଅକ୍ଷୟ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ବେଳେ ପରିଶେଷରେ କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଆଗାମୀ ଦିନରେ ଗାନ୍ଧୀ ଜୟନ୍ତୀ ପାଳନ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ,ବକ୍ତୃତା ,କୁଇଜ୍, ସଙ୍ଗୀତ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ସାଙ୍ଗକୁ ମାରାଥନ୍ ଦୋଡ ଓ ଶୋଭାଯାତ୍ରା ଆଦି ଆୟୋଜିତ ହେବା ନେଇ କଲେଜ କର୍ତୃପକ୍ଷଙ୍କ ପକ୍ଷରୁ ପ୍ରକାଶ ପାଇଛି ।

ପ୍ରାଚୀନ କୀର୍ତ୍ତିରାଜିପୂର୍ଣ୍ଣ ଶୈବପୀଠ ଅବହେଳିତ : ଦୃଷ୍ଟି ଆଡୁଆଳରେ ବିଶ୍ୱନାଥ ପାହାଡ଼

ଡେଲାଙ୍ଗ ,୨୬/୦୯ (ନି.ପ୍ର): ପ୍ରାଚୀନ ଡେଲାଙ୍ଗର ଐତିହାସିକ କୀର୍ତ୍ତିରେ ଭରପୂର 'ଭୋରଶୈଳ' ଯାହାକି ବର୍ତ୍ତମାନର ବିଶ୍ୱନାଥ ପାହାଡ଼ ଭାବରେ ପରିଚିତ ତାହା ଏବେ ଅବହେଳିତ ହୋଇ ରହିଛି। ପ୍ରାୟ ୪୬୮ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ପାହାଡ଼ର ଅଗ୍ରଭାଗରେ ୩୦ ଫୁଟ ଉଚ୍ଚର ଏକ ମନ୍ଦିର ବିଶ୍ୱନାଥ ଦେବଙ୍କ ବିଜେସ୍ଥଳୀ ରୂପେ ପରିଗଣିତ ହୁଏ। ପାହାଡ଼ଟି ପୁରାତନ କ୍ଷୟପ୍ରାପ୍ତ ଗଣ୍ଡଓ୍ୱାନା ଶ୍ରେଣୀର ଅଂଶ ବିଶେଷ। ଏହା ଖଣ୍ଡାଲାଇଟ୍ ବା ଅତିରିକ୍ତ ରୂପାନ୍ତରିତ ପ୍ରାଚୀନ ଆଗ୍ନେୟଶିଳା ଦ୍ୱାରା ଗଠିତ। ପୂର୍ବେ ଏହି ପାହାଡ଼ ଘଞ୍ଚ ଅରଣ୍ୟ ଆଚ୍ଛାଦିତ ଥିଲା। କାଳକ୍ରମେ ଚାରିପାଖରେ ଜନବସତି ବୃଦ୍ଧି ସହିତ ଏସବୁ ପ୍ରାୟ ଲୋପ ହୋଇଗଲା। ଏହି ବିଶ୍ୱନାଥ ପାହାଡ଼ର ପୂର୍ବକୁ ଟାଙ୍ଗିଣୀ ମୁଣ୍ଡିଆ ଓ ପଶ୍ଚିମକୁ ସାହାଡ଼ା ମୁଣ୍ଡିଆ, ପାଆଁରା ମୁଣ୍ଡିଆ ଓ ବଣିବକ୍ରେଶ୍ୱର ମୁଣ୍ଡିଆ ଅବସ୍ଥିତ। ଟାଙ୍ଗିଣୀ ମୁଣ୍ଡିଆକୁ ବାଦ୍ ଦେଲେ ଅନ୍ୟଗୁଡ଼ିକ ଏବେ ଅରଣ୍ୟ ଆଚ୍ଛାଦିତ। ଐତିହାସିକ ବିଶ୍ୱନାଥ ପାହାଡ଼ ଡେଲାଙ୍ଗ ଅଞ୍ଚଳର ସାମରିକ, ଅର୍ଥନୈତିକ, ସାମାଜିକ, ଧର୍ମ ଓ ସଂସ୍କୃତିର ମୂକସାକ୍ଷୀ ଭାବେ ଦଣ୍ଡାୟମାନ। ଏହା ପୁରୀରେ ଶାସନ କରୁଥିବା ଗଜପତି ମହାରାଜାଙ୍କର ଶେଷ ଦୁର୍ଗ ଓ ସତର୍କ ପ୍ରହରୀ ସଦୃଶ୍ୟ। କୌଣସି

ସମୟରେ ଶତ୍ରୁ ଆକ୍ରମଣର ସୂଚନା ମିଳିବା କ୍ଷଣି ପାହାଡ ଚୂଡ଼ାରେ ଅଗ୍ନି ପ୍ରଜ୍ୱଳନ କରାଯାଇ ତା ମାଧ୍ୟମରେ ରାଜା ବା କର୍ମଚାରୀଙ୍କୁ ସତର୍କ କରାଇ ଦିଆଯାଉଥିଲା। ଇତିହାସରୁ ଜଣାଯାଏ, ଏହି ପାହାଡ଼ରେ ବୌଦ୍ଧ ଭିକ୍ଷୁମାନେ ପ୍ରସ୍ତର ଗୁମ୍ଫା ମଧ୍ୟରେ ରହିବା ସହ ଏହି ଅଞ୍ଚଳ ବୌଦ୍ଧ ବିହାରର ମର୍ଯ୍ୟାଦା ଲାଭ କରିଥିଲା। ଏବେ ପାହାଡ଼ରେ ରହିଥିବା ଗୁମ୍ଫା, ପାଦଦେଶରେ ପଥର ଖୋଦିତ ବରାହ ବିଷ୍ଣୁ ମୂର୍ତ୍ତି(ସ୍ଥାନୀୟ ଲୋକଙ୍କ ଭାଷାରେ ପନିକିପଟା) ଆଦି ଏଣେତେଣେ ପଡ଼ି ରହିଛି। ବିଶ୍ୱନାଥ ଦେବଙ୍କ ମନ୍ଦିର କଳା, ସ୍ଥାପତ୍ୟ ଓ ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଯେ, ଏହା ଏକାଦଶ ଶତାବ୍ଦୀରେ ସୋମବଂଶୀ ଶାସକମାନଙ୍କ ସମୟରେ ନିର୍ମିତ ହୋଇଥିଲା। ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ମଧ୍ୟରେ ବିଶ୍ୱନାଥ ପାହାଡ଼ ଉଲ୍ଲେଖଯୋଗ୍ୟ। ପାହାଡ଼ର ଉପରିଭାଗରେ ପ୍ରାକୃତିକ ସୌନ୍ଦର୍ଯ୍ୟ ବାସ୍ତବରେ ଅତ୍ୟନ୍ତ ଚିତ୍ତାକର୍ଷକ। ଏହି ଭଳି ଏକ ମନୋରମ ତଥା ଐତିହାସିକ ସ୍ଥଳୀକୁ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଚରମ ଅବହେଳା ପ୍ରଦର୍ଶନ କରିଥିବା ସ୍ଥାନୀୟ ବୁଦ୍ଧିଜୀବୀ ମତ ଦିଅନ୍ତି। ପାହାଡ଼ ଉପରକୁ ପାହଚ ନିର୍ମାଣ ଠାରୁ ଆରମ୍ଭ କରି ଅଦ୍ୟାବଧି ଯେତେ ସବୁ ଉନ୍ନୟନ କାର୍ଯ୍ୟ ସମ୍ପାଦନ ହୋଇଛି ତାହା ମୁଖ୍ୟତଃ ବଦାନ୍ୟ ବ୍ୟକ୍ତିମାନଙ୍କ ଅନୁଦାନରେ ହୋଇପାରିଛି। ବିଡ଼ମ୍ବନାର ବିଷୟ ବିଶ୍ୱନାଥ ପାହାଡ଼କୁ ୧୯୮୫ ମସିହାରୁ ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରର ସୀକୃତି ଦେଇ ମଧ୍ୟ ଅଦ୍ୟାବଧି କୌଣସି ଉନ୍ନୟନ କାର୍ଯ୍ୟ କରିନାହାନ୍ତି। ୨୦୧୫ ମସିହାରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗର ତତ୍କାଳୀନ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ବିଶ୍ୱନାଥ ପାହାଡ଼ ଓ ଅରାଗଡ଼ କୀର୍ତ୍ତିରାଜିର ଉନ୍ନତି ପାଇଁ ଡେଲାଙ୍ଗ ଅଞ୍ଚଳର ବୁଦ୍ଧିଜୀବୀ ତଥା ପ୍ରାକ୍ତନ ସୂଚନା କମିସନର ଜଗଦାନନ୍ଦ, ସ୍ତମ୍ଭକାର ତଥା ଗାନ୍ଧୀବାଦୀ ଲେଖକ ଗୌରାଙ୍ଗ ଚରଣ ପରିଡ଼ା ଓ ବେରବୋଇ ଗାନ୍ଧୀ ସ୍ମାରକୀ ସମିତିର ପୂର୍ବତନ ସଭାପତି ସ୍ୱର୍ଗତ ଅକ୍ଷୟ କୁମାର ନାୟକଙ୍କୁ ଆଲୋଚନା ପାଇଁ ଆମନ୍ତ୍ରଣ କରିଥିଲେ। ୨୦୧୫ ଏପ୍ରିଲ ୨୫ରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବିଶ୍ୱନାଥ ପାହାଡ, ଅରାଗଡ କୀର୍ତ୍ତିରାଜି, ବେନୁପଡା ଗାଦୀବ୍ରହ୍ମମଠ, ଘୋରଡିଆର ତରାପୋଖରୀ ଏବଂ ବେରବୋଇ ଗାନ୍ଧୀ ପୀଠକୁନେଇ ଏକ ଟୁରିଷ୍ଟ ହବ୍ ଗଠନ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ଭୁବନେଶ୍ୱରରୁ ପର୍ଯ୍ୟଟକମାନେ ଆସି ପିପିଲିରେ ଚାନ୍ଦୁଆ ଶିଳ୍ପ ପରିଦର୍ଶନ କରିବା ସହ ଡେଲାଙ୍ଗର ଏହି ଐତିହ୍ୟ ସ୍ଥଳ ଭ୍ରମଣ କରିବା ଦ୍ୱାରା ଏକ ଗ୍ରାମାଞ୍ଚଳ ପର୍ଯ୍ୟଟନ କେନ୍ଦ୍ର ଗଠିତ ହୋଇପାରିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଏହାର ସୁଫଳ ମିଳିନାହିଁ। ଏଣୁ ପାନୀୟ ଜଳଯୋଗାଣ, ପାହାଡ଼ ଉପରକୁ ପକ୍କା ରାସ୍ତା ନିର୍ମାଣ, ବନୀକରଣ ପ୍ରଭୃତି ଉନ୍ନୟନ କାର୍ଯ୍ୟର ଆବଶ୍ୟତା ରହିଥିବା ସ୍ଥାନୀୟ ଅଞ୍ଚଳର ନଳିନୀ ରଞ୍ଜନ ପଟ୍ଟନାୟକ, ଶରତ ଚନ୍ଦ୍ର ରାଉତ, ଗୌରାଙ୍ଗ ଚରଣ ପରଡା,ଦୁର୍ଗା ଚରଣ ରାଉତରାୟ, ଦିଲୀପ ଛୋଟରାୟ ପ୍ରମୁଖ ଦାବି କରିଛନ୍ତି।

କୃଷିବୀମା ରାଶି ପ୍ରଦାନ ଦାବିରେ ବଲାଙ୍ଗୀର ଜିଲ୍ଲା କୃଷକ ମହାସଂଘ ପକ୍ଷରୁ ରେଳରୋକ

ପାଟଣାଗଡ଼,୨୬/୦୯ (ନି.ପ୍ର): ୨୦୨୧ ଖରିଫ ଋତୁରେ ଭୟାବହ ମରୁଡ଼ି ହୋଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ବଲାଙ୍ଗୀର ଜିଲ୍ଲାର ୮୦ ଗ୍ରାମପଞ୍ଚାୟତକୁ ବଞ୍ଚିତ ରଖା ଯାଇଥିବା ପ୍ରତିବାଦରେ ଜିଲ୍ଲା କୃଷକ ମହାସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ରେଳରୋକ କରାଯାଉଥିବା ଜଣାପଡ଼ିଛି। ଜିଲ୍ଲାର ବଲାଙ୍ଗୀର, ଟିଟିଲାଗଡ଼ ଓ ପାଟଣାଗଡ଼ ଉପଖଣ୍ଡରେ ଥିବା ହରିଶଙ୍କର ରୋଡ ତଥା ଲାଠୋର ରେଳ ଷ୍ଟେସନରେ ରେଳରୋକ କରାଯାଉଥିବା ଜଣାପଡିଛି। ସକାଳୁ ଲାଠୋରସ୍ଥିତ ହରିଶଙ୍କର ରେଳ ଷ୍ଟେସନରେ ପାଟଣାଗଡ଼ ଉପଖଣ୍ଡର ବିଭିନ୍ନ ଗ୍ରାମର ଚାଷୀମାନେ ଏକତ୍ରିତ ହୋଇଥିଲେ। ସେଠାରେ ରେଳରୋକ କରିଥିବା ଜଣାପଡିଛି। ଏହି ସମୟରେ ଏକ ମାଲଗାଡିକୁ ଅଟକ ରଖା ଯାଇଥିବା ଜଣାପଡିଛି। ଚାଷୀମାନଙ୍କ ଦାବି ଅନୁଯାୟୀ, ୨୦୨୧ ଖରିଫ ଋତୁରେ କୃଷିବୀମା ରାଶି ତୁରନ୍ତ ପ୍ରଦାନ କରିବା, ବଲାଙ୍ଗୀର ଜିଲ୍ଲା ଚିର ମରୁଡ଼ିପ୍ରପୀଡିତ ଜିଲ୍ଲା ହୋଇଥିବା ଜାଣି ବି ଏଥିପ୍ରତି ବିଶେଷ ଧ୍ୟାନ ଦିଆ ଯାଉ ନାହିଁ। ଜିଲ୍ଲାରେ ଭୟାବହ ମରୁଡି ହୋଇଥିବା ବେଳେ ଜିଲ୍ଲାକୁ ମରୁଡି ଘୋଷଣା କରାଯାଇ ନ ଥିବା, ୩୩ ପ୍ରତିଶତ ଜଳସେଚନ ବ୍ୟବସ୍ଥା କରାଯିବା, ଦେଓଗାଁ ଚିନିକଳକୁ କାର୍ଯ୍ୟକ୍ଷମ କରିବା, ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା, ପଞ୍ଜିକରଣ ବ୍ୟବସ୍ଥାରେ ସୁଧାର ଆଣିବା, ଧାନ ସଂଗ୍ରହ ସମୟରେ ଏକର ପିଛା ୧୩ କ୍ୱିଣ୍ଟାଲ ବଦଳର ୨୨ କ୍ୱିଣ୍ଟାଲ କରାଯିବା ଆଦି ଦାବି କରିଥିବା ଜଣାପଡିଛି। ଏଠାରେ ପ୍ରକାଶ ଥାଉ କି, ଜିଲ୍ଲା କୃଷକ ମହାସଂଘ ପକ୍ଷରୁ ଗତ ୧୬ ତାରିଖରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରା ଯାଇଥିଲା। ହେଲେ ବୀମା ରାଶି ନ ମିଳିବାରୁ ବାଧ୍ୟ ହୋଇ ରେଳରୋକ କରାଯାଉଥିବା ଜଣାପଡିଛି।

ଘାଟ ଜଗିଛନ୍ତି ଶବରୁଢା ମା' ଆଲାମଚଣ୍ଡୀ

ପୁରୀ,୨୬/୦୯ (ନି.ପ୍ର): - ଶ୍ରୀଜଗନ୍ନାଥଙ୍କୁ ସୁରକ୍ଷା ଦେବା ପାଇଁ ବିଭିନ୍ନ ଘାଟରେ ଦେବୀ ଜଗିଛନ୍ତି। ଶ୍ରୀକ୍ଷେତ୍ରର ପ୍ରବେଶ ପଥ ମିଟିଆଣୀ ନଦୀର ଅଠରନଳା ଘାଟରେ ଜଗିଛନ୍ତି ମା ଆଲାମଚଣ୍ଡୀ । ମା ହେଉଛନ୍ତି ଚର୍ତୁଭୂଜା । ପାଦ ଲମ୍ବାଇ ମା ଶବ ଉପରେ ବସିଛନ୍ତି । ମାଙ୍କ ହସ୍ତରେ ତ୍ରିଶୂଳ, ପାନପତ୍ର, ପାଶ ଓ ଅଙ୍କୁଶ ଧାରଣ କରିଛନ୍ତି । ମା ତ୍ରିନୟନା । ମା ବେକରେ ନରମୁଣ୍ଡ ମାଳା ଧାରଣ କରିଛନ୍ତି । ମା ପ୍ରାୟ ଦେଢଫୁଟ ଉଚ୍ଚା କଳା ମୁଗୁନି ପଥର ବିଗ୍ରହ ଅତ୍ୟନ୍ତ କମନୀୟ ଭାବେ ଶୋଭା ପାଉଛନ୍ତି । ଅଶୁଭ ଶକ୍ତିଙ୍କୁ ପ୍ରତିରୋଧ ପାଇଁ ମା ଘାଟ ଜଗିଛନ୍ତି । ଶ୍ରୀମନ୍ଦିର ସହ ମାଙ୍କ ରହିଛି ଅନେକ ରିତୀନୀତି । ପ୍ରତିବର୍ଷ ସପ୍ତପୁରୀ ଅମାବାସ୍ୟା ପୂର୍ବଦିନ କୁମ୍ଭାର ବିଶୋଇମାନେ ବାଘମୁହାଁ ବାନ୍ଧି ସାତପୁରୀ ତାଡ଼କୁ ମୁଣ୍ଡରେ ମୁଣ୍ଡାଇ ଘଂଟ ଛତା କାହାଳୀ ସହ ଶ୍ରୀମନ୍ଦିରରେ ସପ୍ତପୁରୀ ତାଡ଼ ଜମା ଦେଇଥାନ୍ତି । ନବକଳେବର ସମୟରେ ଦାରୁ ଶଗଡ଼ି ଆସିବା ସମୟରେ ମାଙ୍କ ନିକଟରେ ଶଗଡ଼ିର ଦାରୁକୁ ପୂଜାର୍ଚ୍ଚନା କରାଯିବା ସହ ବନଯାତ୍ରୀମାନେ ବିଶ୍ରାମ ନେଇଥାନ୍ତି । ମା ସୁଭଦ୍ରାଙ୍କ ଦାରୁ ଶଗଡ଼ିକୁ ପଟୁଆରରେ ଶ୍ରୀମନ୍ଦିର ଉତର ଦ୍ୱାର ଦେଇ କୋଇଲି ବୈକୁଣ୍ଠକୁ ନିଆଯିବା ପରମ୍ପରା ରହିଛି । ପୂର୍ବରୁ ମା ଅଲମ୍ବା ଦେବୀ ଭାବରେ ପରିଚିତ ଥିଲେ । କାଳକ୍ରମେ ଅଲମ୍ବାରୁ ଆଲାମଚଣ୍ଡୀ ନାମ କରଣ ହୋଇଥିବା କଥିତ ଅଛି । ଆଶ୍ୱିନ ମାସ ଷୋଳପୂଜା ସମୟରେ ଷୋଳଦିନ ଯାକ ମାଙ୍କ ରୀତିନୀତି ଓ ପୂଜାବିଧି ନିଷ୍ଠାର ସହ ପାଳିତ ହୋଇଥାଏ । ମକର ସଂକ୍ରାନ୍ତିରେ ମାଙ୍କ ପୀଠରୁ ମକର ଚାଉଳ ପ୍ରସ୍ତୁତି ପାଇଁ ଯାଇଥାଏ । ମାଙ୍କ ପ୍ରିୟ ହେଉଛି ଶ୍ରୀଜଗନ୍ନାଥଙ୍କ ମାଳ ଓ ମାହାର୍ଦ୍ଦ । ଷୋଳପୂଜା ସମୟରେ ମାଙ୍କ ପୀଠରେ ଆମିଷ ଭୋଗ ଲାଗି ହୋଇଥାଏ । ମାଙ୍କ ପ୍ରିୟ ପୋଡ଼ା ମାଛବଳି । ସ୍ଥାନୀୟ ବାସିନ୍ଦାମାନେ ଷୋଳଦିନରେ ମାନସିକ ଭୋଗ ଲାଗି କରିଥାନ୍ତି । ଷଷ୍ଠୀରେ ଭୁବନେଶ୍ୱରୀ, ସପ୍ତମୀରେ ବନଦୁର୍ଗା, ଅଷ୍ଟମୀ ଓ ନବମୀରେ ମହିଷାମର୍ଦ୍ଦିନୀ ବେଶ କରାଯାଏ । ଦଶହରାରେ ମାଙ୍କ ପାଖରେ ଖିରୀ କାକରା ଭୋଗ ଅର୍ପଣ କରାଯିବା ପରମ୍ପରା ରହିଛି । ଗଜପତିଙ୍କ ଦ୍ୱାରା ବରଣ ହୋଇଥିବା ବ୍ରାହ୍ମଣମାନେ ପୀଠରେ ଚଣ୍ଡୀପାଠ କରିଥାନ୍ତି ।

୫ ବର୍ଷରେ ୨୩ ବାଲ୍ୟବିବାହ : ଉପାନ୍ତ ବ୍ଲକରେ ଅଧିକ

ରାଉରକେଲା,୨୬/୦୯ (ନି.ପ୍ର): ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆରବି) ଦ୍ୱାରା ପ୍ରକାଶିତ ୨୦୨୧ ଅପରାଧ ରିପୋର୍ଟରୁ ବାଲ୍ୟବିବାହର ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ଓଡ଼ିଶାରେ ବାଲ୍ୟବିବାହ କମିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି। ୨୦୧୧ରୁ ଆଜି ପର୍ଯ୍ୟନ୍ତ, ଅର୍ଥାତ୍ ପ୍ରାୟ ୧୧ ବର୍ଷ ଭିତରେ ରାଜ୍ୟରେ ୧୬୪ ବାଲ୍ୟବିବାହ ମାମଲା ରୁଜୁ ହୋଇଛି। ରାଜ୍ୟ ହାରଠାରୁ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ସୁନ୍ଦରଗଡ଼ ବହୁ ଆଗରେ ରହିଛି। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ମିଳିଥିବା ତଥ୍ୟ ଅନୁଯାୟୀ ସୁନ୍ଦରଗଡ଼ରେ କେବଳ ଗତ ୫ ବର୍ଷରେ ୨୩ ବାଲ୍ୟବିବାହ ହୋଇଛି, ବା ଏତିକି ମାମଲା ରୁଜୁ ହୋଇଛି। କିନ୍ତୁ ବାସ୍ତବିକ ବିବାହ ଏହାଠାରୁ ବହୁତ ଅଧିକ। ଆହୁରି ଆଶ୍ଚର୍ଯ୍ୟଜନକ କଥା ହେଉଛି, ଜିଲ୍ଲାର ଅଭ୍ୟନ୍ତର ବ୍ଲକ୍ ଅପେକ୍ଷା ରାଉରକେଲା ସହରକୁ ଲାଗିଥିବା ଓ ଅପେକ୍ଷାକୃତ ଶିକ୍ଷିତ ଓ ସ୍ୱଚ୍ଛଳ ଲୋକ ବାସ କରୁଥିବା କୁଆରମୁଣ୍ଡା ଓ ବିଶ୍ରା ବ୍ଲକରେ ଏହା ସର୍ବାଧିକ। କିନ୍ତୁ ଅସଲ କଥା ହେଉଛି, ଏଠାରେ ହେଉଥିବା ବାଲ୍ୟ ବିବାହର ରିପୋର୍ଟ ହେଉଛି, ବିଭିନ୍ନ ବ୍ୟକ୍ତି ଓ ସଂଗଠନ ଏ ଖବର

ଦେଉଛନ୍ତି।

ଯଦି ସହରକୁ ଲାଗିଥିବା ଦୁଇଟି ବ୍ଲକରେ ଏମିତି ସ୍ଥିତି, ତେବେ ଉପାନ୍ତ ବ୍ଲକ କୋଇଡା, ଗୁରୁଣ୍ଡିଆ, ହେମଗିରି ଆଦି ବ୍ଲକରେ କେମିତି ବାଲ୍ୟବିବାହ ଚାଲିଥିବ ଏଥିରୁ ସହଜେ ଅନୁମାନ କରାଯାଇପାରେ। ଏଥିପ୍ରତି ଯେମିତି ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ସମନ୍ୱିତ ଶିଶୁ ବିକାଶ ସଂସ୍ଥା ଓ ଶିଶୁ ମଙ୍ଗଳ ସମିତି ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛି। ସମନ୍ୱିତ ଶିଶୁ ବିକାଶ ସଂସ୍ଥା ବାଲ୍ୟବିବାହ ରୋକିବାକୁ ବ୍ଲକ ଓ ପଞ୍ଚାୟତ ସ୍ତରରେ ସେମିତି କୌଣସି ସଚେତନତା କାର୍ଯ୍ୟକ୍ରମ କରୁନାହିଁ। ଗ୍ରାମାଞ୍ଚଳରେ ପୁଲିସରେ ଅଭିଯୋଗ ନ ହେବା ଓ ସଚେତନତା ଅଭାବରୁ ସୁନ୍ଦରଗଡ଼ ବାଲ୍ୟବିବାହ କମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ି ଚାଲିଛି। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ମିଳିଥିବା ତଥ୍ୟରୁ ଏହା ସ୍ପଷ୍ଟ ପ୍ରମାଣିତ ହୋଇଛି। ଅନ୍ୟପଟେ ଅଭିଯୋଗ ହେଲେ ମଧ୍ୟ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ମାମଲା ରୁଜୁ କରି କାମ ସାରି ଦେଉଛନ୍ତି।

ଆଶ୍ଚର୍ଯ୍ୟ କଥା ଗତ ୫ ବର୍ଷ ମଧ୍ୟରେ ୨୩ଟି ବାଲ୍ୟବିବାହ ହୋଇଥିଲେ ହେଁ ମାତ୍ର ୨ ଜଣଙ୍କୁ ପୁଲିସ ଗିରଫ କରିଛି। ଅନ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ୍। ସରକାରୀ ତଥ୍ୟ ଅନୁସାରେ, ସୁନ୍ଦରଗଡ଼ ଜିଲ୍ଲାରେ ଗତ ୨୦୧୭-୧୮ରେ ୪ ବାଲ୍ୟବିବାହ ହୋଇଥିବାବେଳେ ୨୦୧୮-୧୯ରେ ୬, ୨୦୧୯-୨୦ରେ ୫, ୨୦୨୦-୨୧ରେ ୩ ଓ ୨୦୨୧-୨୨ରେ ୫ ବାଲ୍ୟବିବାହ ହୋଇଛି। କେବଳ କୁଆରମୁଣ୍ଡା ବ୍ଲକରେ ୧୧ ଓ ବିଶ୍ରା ବ୍ଲକରେ ୮ ବାଲ୍ୟବିବାହ ହୋଇଛି। ୨୦୧୭-୧୮ରେ ବିଶ୍ରା ବ୍ଲକରେ ଗୋଟିଏ, ନୂଆଗାଁ ବ୍ଲକରେ ୨ଟି, କୁଆରମୁଣ୍ଡା ବ୍ଲକରେ ୨ଟି ଓ ବଣାଇ ବ୍ଲକରେ ଗୋଟିଏ ବାଲ୍ୟବିବାହ ହୋଇଛି। ୨୦୧୮-୧୯ରେ ବଣାଇ, ଲହୁଣିପଡା, ବିଶ୍ରା ଓ ଲାଠିକଟା ଗୋଟିଏ ଲେଖାଏଁ ବାଲ୍ୟବିବାହ ହୋଇଛି।

୨୦୧୯-୨୦ କୁଆରମୁଣ୍ଡା ବ୍ଲକରେ ୨ଟି, ବୀରମିତ୍ରପୁର, ଲହୁଣିପଡା ଓ ବିଶ୍ରାରେ ଗୋଟିଏ ଲେଖାଏଁ ବାଲ୍ୟ ବିବାହ ହୋଇଛି। ୨୦୨୦-୨୧ରେ ବିଶ୍ରାରେ ଦୁଇଟି ଓ କୁଆରମୁଣ୍ଡାରେ ଗୋଟିଏ ବାଲ୍ୟବିବାହ ହୋଇଛି। ୨୦୨୧-୨୨ରେ କୁଆରମୁଣ୍ଡାରେ ୨ଟି , ଲହୁଣିପଡା, ବିଶ୍ରା ଓ ଲାଠିକଟା ବ୍ଲକରେ ଗୋଟିଏ ଲେଖାଏଁ ବାଲ୍ୟବିବାହ ହୋଇଛି। ଏ ପ୍ରସଙ୍ଗରେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା କହିଛନ୍ତି, ''ସୁନ୍ଦରଗଡ଼ ଏକ ଆଦିବାସୀ ବହୁଳ ଜିଲ୍ଲା ଓ ଝାଡ଼ଖଣ୍ଡ ରାଜ୍ୟର ସୀମାକୁ ଲାଗିଛି। ବାଲ୍ୟବିବାହ ନିରୋଧ ଆଇନ ସମ୍ପର୍କରେ ଏମାନେ ସମ୍ପୂର୍ଣ୍ଣ ଅଜ୍ଞ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ସେମିତି ଏ ଦିଗରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ଯେତିକି ଧ୍ୟାନ ଦେବା କଥା ତାହା ହେଉନି। ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତରେ ବାଲ୍ୟବିବାହକୁ କିପରି ରୋକାଯାଇପାରିବ ଏଥିପ୍ରତି ସିଡିପିଓମାନେ ଧ୍ୟାନ ଦେବାର ଆବଶ୍ୟକତା ରହିଛି।''

ଟ୍ରେନ ଧକ୍କାରେ ଯୁ

ଭ୍ରମଣ ଯାତ୍ରା ଓ ଆବଶ୍ୟକ ଜିନିଷ



ବଜାରରେ ଓ ଅନ୍-ଲାଇନରେ ବିଭିନ୍ନ କମ୍ପାନୀର ଶସ୍ତାଠାରୁ ମହରଗ ବ୍ୟାକ୍ ପ୍ୟାକ୍ ବ୍ୟାଗମାନ ମିଳୁଛି । ସେହି ବ୍ୟାଗଟିଏ କିଣିବା ସହ ସେଥିରେ ବିସ୍କୁଟ, ପାଉଁରୁଟି, ଜାମ୍ ଇତ୍ୟାଦି ଶୁଖିଲା ଖାଦ୍ୟ ରଖିପାରିବେ ।

ଏବେ ଯାତ୍ରା ସମୟରେ ମୁଖ୍ୟ ସାଥି ହେଲା ସ୍ମାର୍ଟଫୋନ୍ । ତେବେ ସ୍ମାର୍ଟଫୋନରେ ବ୍ୟାଟେରି ରହିବା ଅନ୍ୟତମ ପ୍ରମୁଖ ଆବଶ୍ୟକତା । ବ୍ୟାଟେରି ଶେଷ ହେବାର ଭୟରୁ ବର୍ତ୍ତିବା ନିମନ୍ତେ ନିଜ ସହ ପାୱାର ବ୍ୟାଙ୍କ ନେବାକୁ ଯେପରି ଆପଣ ନ ଭୁଲନ୍ତି । ଯେ କୌଣସି ହୋଟେଲରେ ସୁରକ୍ଷିତ ଭାବେ ରହିଲେ ମଧ୍ୟ ରିଚାଜେବଲ୍ ଟର୍ଚ୍ଚଟିଏ ସାଥିରେ ରଖନ୍ତୁ । ଆବଶ୍ୟକ ସମୟରେ ତାହା ମଧ୍ୟ କାମରେ ଆସିପାରେ ।

ସ୍ମାର୍ଟ ଯୁଗରେ ଯାତ୍ରା ସମୟରେ ଅଧିକାଂଶ ଲୋକ ସ୍ମାର୍ଟ ୱାଚ୍ ପିନ୍ଧିବାକୁ ଖୁବ୍ ପସନ୍ଦ କରିଥାନ୍ତି । କାରଣ ଏହା ସ୍ଥାନର ଜଳବାୟୁ ଅନ୍ୟ ଆଖପାଖ ସ୍ଥାନର ପ୍ରକୃଷ୍ଟ ଦୂରତା ଇତ୍ୟାଦି ନୋଟିଫିକେସନ ଭାବେ ଅବଗତ କରାଇଥାଏ ।

ଜ୍ୱର, ଝାଡ଼ା, ବାନ୍ତି, ପେଥବ୍ୟଥା ଇତ୍ୟାଦିର ଔଷଧ ଡାକ୍ତରଙ୍କ ପରାମର୍ଶ କ୍ରମେ ନେଇଯାନ୍ତୁ । ତାହା ମଧ୍ୟ କାମରେ ଆସିପାରେ ।

କର୍ମଜୀବୀ ଲୋକେ କାମରୁ ବିଶ୍ରାମ ନେବାପାଇଁ ଭ୍ରମଣକୁ ସବୁଠୁ ଉତ୍କୃଷ୍ଟ ଉପାୟ ବୋଲି ମନେ କରୁଛନ୍ତି । ପ୍ରକୃତରେ ମଧ୍ୟ ଅନେକଙ୍କ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେଉଛି । ବର୍ଷକୁ ଥରୁଟିଏ କିମ୍ବା ଦୁଇଥର ଭ୍ରମଣ କଲେ ସେମାନଙ୍କୁ କାମର ଚାପରୁ ମୁକ୍ତି ମିଳିଥାଏ ବୋଲି ସର୍ବେକ୍ଷଣରେ ପ୍ରକାଶ ପାଇଛି । ତେବେ ଯାତ୍ରା ଆରମ୍ଭ ପୂର୍ବରୁ ପ୍ରଥମେ ନିଜ ଆବଶ୍ୟକ ଜିନିଷକୁ ସଂଗ୍ରହ କରିବା ନିମନ୍ତେ ତାଲିକାଟିଏ ପ୍ରସ୍ତୁତ କରନ୍ତୁ ।

ସ୍ମାର୍ଟଫୋନ୍ ଚିହ୍ନିବ କର୍କଟ ରୋଗ



ଏଣିକି ସ୍ମାର୍ଟଫୋନ୍ କର୍କଟ ରୋଗ ଚିହ୍ନଟ କରିବ ବୋଲି ଇସ୍ରାଇଲର ଗବେଷକମାନେ ମତ ଦେଇଛନ୍ତି । ଏକ ସ୍ମାର୍ଟଫୋନ୍ ନିର୍ମାଣ କରି ସେମାନେ ଏହା ଜାଣିପାରିଛନ୍ତି । ଏହି ଫୋନ୍ ଦ୍ୱାରା ରୋଗୀକୁ କର୍କଟ ହୋଇଛି କି ନାହିଁ ଜାଣିହେବ । ରୋଗ ଚିହ୍ନଟ ସହ ଏହାର ଲକ୍ଷଣ ମଧ୍ୟ ଜାଣିହେବ । ଏହି ସ୍ମାର୍ଟଫୋନରେ ଫଟୋ ନେବାପାଇଁ ଏକ ଲେନ୍ସ ଲଗାହେବା ସହ ପ୍ଲାଷ୍ଟିକର ଏକ ହ୍ୟାଣ୍ଡେଲ ଲଗାଯାଇଛି । ସ୍ମାର୍ଟଫୋନରେ ଉଠାଯାଉଥିବା ଫଟୋକୁ ପରୀକ୍ଷଣ କରିବା ପାଇଁ ଅପଲୋଡ୍ କରାଯାଇଥାଏ । ଫଟୋ ସବୁଜ ରଙ୍ଗର ହୋଇଥାଏ । କିନ୍ତୁ କ୍ୟାନସର କୋଷ ଅଲଗା ରଙ୍ଗର ଦେଖାଯାଇଥାଏ । ଆଶଙ୍କା କରାଯାଉଥିବା ତ୍ୱଚା କର୍କଟ ଓ ରକ୍ତ ଜମାଟ ବାନ୍ଧିଥିବା ସ୍ଥାନରେ ମୋବାଇଲର ବଡ଼ ଲେନ୍ସ ଦ୍ୱାରା ଫଟୋ ଉଠାଯାଇଥାଏ । ଯଦି ଉକ୍ତ ସ୍ଥାନରେ କର୍କଟ ହୋଇଥାଏ, ତେବେ ଫଟୋ ଲାଲ୍ ରଙ୍ଗ ହୋଇଯିବ । ଲାଲ୍ ରଙ୍ଗରୁ ହିଁ ଜଣାପଡ଼ିବ କର୍କଟ ହୋଇଛି କି ନାହିଁ ।

କେଶ ଅଧିକ ଝଡୁଥିଲେ

ବର୍ଷାଦିନେ ଉଭୟ ଯୁବତୀ ଓ ମହିଳାଙ୍କର ସାମାନ୍ୟ ଅଧିକ କେଶ ଝଡ଼ା ହୋଇଥାଏ । ଏଥିନିମନ୍ତେ ବ୍ୟସ୍ତବିବ୍ରତ ନ ହୋଇ ବରଂ ଘରୋଇ ଉପଚାର କରିବା ଉଚିତ୍ ।

♦ ଅଣ୍ଡାର ଧଳା ଅଂଶକୁ ଏକ ପାତ୍ରରେ ନେଇ ସେଥିରେ ୨ ଚାମଚ ଅଲିଭ ତେଲ ମିଶାଇବେ । ତାହାକୁ ପ୍ୟାକ୍ ଭଳି କେଶ ମୂଳରେ ଲଗାଇ ୨୦ ମିନିଟ୍ ପରେ ଶ୍ୟାମ୍ପୁ କରନ୍ତୁ । ସପ୍ତାହକୁ ୨ଥର ଏଇ ଉପାୟ କରିବାପରେ ଦେଖିବେ କେଶଝଡ଼ା ହ୍ରାସ ପାଇଛି ।

♦ ଗୋଟିଏ ପାତ୍ରରେ ମେଥିଦାନାକୁ ଭିଜାଇ ପୂରା ରାତି ରଖନ୍ତୁ । ସକାଳୁ ସେହି ପାଣିକୁ ଛାଣି ବାଲଟିଏ ପାଣିରେ ମିଶାଇ କେଶ ଧୁଅନ୍ତୁ । ଏଇ ପାଣି କେଶ ମୂଳକୁ ଶକ୍ତ କରିବା ସହ ଅକାଳପକ୍ୱତାରୁ ରକ୍ଷା କରେ ।

♦ ଦହିକୁ କେଶମୂଳରେ ଲଗାଇ ୧୫ ମିନିଟ୍ ଶାମ୍ପୁ କରିନେବେ । ଏହା ମଧ୍ୟ କେଶ ଝଡ଼ାରୁ ରୋକିବା ସହ କେଶର ଘନତ୍ୱ ବଢ଼ାଇଥାଏ ।

♦ ନଡ଼ିଆ ପାଣିକୁ ତୁଳାରେ ନେଇ କେଶମୂଳରେ ଲଗାଇ କିଛି ସମୟ ପରେ କେଶ ଧୂଅନ୍ତୁ । କେଶ ଝଡ଼ିବାର ରକ୍ଷା ପାଇବା ନିମନ୍ତେ ଏହା ଏକ ସର୍ବୋତ୍କୃଷ୍ଟ ।

ଅଲିଭ୍ ତେଲର ଉପକାରିତା

ବିଦେଶୀ ରାଇଜରେ ରୋଷଶାଳାରେ ଅଲିଭ ତେଲର ସ୍ଥାନ ବେଶ୍ ସ୍ୱତନ୍ତ୍ର । ଏକ ସୁସ୍ଥ ଜୀବନଶୈଳୀ ନିମନ୍ତେ ଏଇ ତେଲ ମୁଖ୍ୟ ବୋଲି ସେମାନଙ୍କ ଧାରଣା । ଖାଦ୍ୟ ବିଶେଷଜ୍ଞ ମତରେ ବିଭିନ୍ନ ପ୍ରକାର ତେଲରେ ଭିନ୍ନଭିନ୍ନ ପୋଷକତତ୍ତ୍ୱ ମହଜୁଦ ଥାଏ । ସେହିପରି ଅଲିଭି ତେଲର ମଧ୍ୟ ଅନେକ ଉପକାରିତା ଅଛି ।

ବିଶେଷକରି ବିଭିନ୍ନ ସାଲାଡରେ ସାମାନ୍ୟ ଅଲିଭ ତେଲ ମିଶାଇ ଖାଇଲେ ତାହା ସାଲାଡର ପୋଷକତତ୍ତ୍ୱ ବୃଦ୍ଧି କରିଥାଏ । ରକ୍ତଚାପ ରୋଗୀ ହୃଦରେରାଗୀ ଏଇ ତେଲରେ ରନ୍ଧା ଖାଦ୍ୟ ଖାଇବା ସେମାନଙ୍କ ସ୍ୱାସ୍ଥ୍ୟକୁ ଭଲ ରଖିଥାଏ ବୋଲି ବିଶେଷଜ୍ଞଙ୍କ ମତ ।

ପ୍ରଚୁର ପରିମାଣ ଆଣ୍ଟି ଅକ୍ସିଡାଣ୍ଟ ମହଜୁଦ୍ ଥିବା ଅଲିଭ ତେଲ ରନ୍ଧା ଖାଇଲେ କର୍କଟରୋଗ ହେବାର ଆଶଙ୍କା କମ୍ ହୋଇଥାଏ ବୋଲି ଅନୁସନ୍ଧାନରୁ ପ୍ରମାଣିତ ହୋଇଛି ।

ଭିଟାମିନ୍ କେ ଓ ଇ ଭରପୂର ଥିବା ଅଲିଭ ତେଲ ଖାଇଲେ ହାଡ଼ ଓ ଗଣ୍ଠିକୁ ଶକ୍ତି ମିଳିଥାଏ ବୋଲି ଗବେଷକଙ୍କ ମତ ।

ଗଜାମୁଖ ଖାଆନ୍ତୁ, ସୁସ୍ଥ ରହନ୍ତୁ

ଗଜାମୁଗ ଏସବୁ ହେଉଛି ପୋଷଣର ଗନ୍ତାଘର । ଏଥିରେ ପ୍ରୋଟିନ, ଖଣିଜଲବଣ, ଶ୍ୱେତସାର, ଭିଟାମିନ୍ ଓ ଅଳ୍ପ ପରିମାଣର ଅତ୍ୟାବଶ୍ୟକ ଏସିଡ୍ ରହିଛି । ପ୍ରତ୍ୟେକ ଦନ ଗଜାମୁଗ ଖାଇଲେ ଅନ୍ୟ କୌଣସି ଟନିକ, ଭିଟାମିନ୍, ପ୍ରୋଟିନ୍ ଓ ଖଣିଜ ଲବଣର ଆବଶ୍ୟକତା ପଡ଼ିବନି । ଏକ ପରୀକ୍ଷଣରୁ ଜଣାପଡ଼ିଛି ଯେ ଏକ କପ ଗଜା ସୋୟାବିନରେ ଯେତିକି ପରିମାଣରେ ଭିଟାମିନ୍ ସି ରହିଛି, ଛ'ଗ୍ଲାସ କମଳା ରସରେ ସେତିକି ଭିଟାମିନ୍ ନଥାଏ । ଗୋଟିଏ କିଲୋଗ୍ରାମ ଅଟାରେ ପୋଷକତତ୍ତ୍ୱ ଯେତିକି ରହିଥାଏ, ତାହାଠାରୁ ଅଧିକ ଭିଟାମିନ୍ ଗଜା ଗହମରେ ରହିଥାଏ । ଏହାସବୁ ପ୍ରକାରର ଶସ୍ୟ ଓ ଡାଲିଜାତୀୟ ଖାଦ୍ୟରେ ରହିଥାଏ ।

ବାଡ଼ିରେ ଲଗାନ୍ତୁ ଔଷଧୀୟ ଚାରା

ପ୍ରାଚୀନ କାଳରୁ ଆମ ପରମ୍ପରାରେ ବିଭିନ୍ନ ରୋଗ ଉପଚାରରେ ଔଷଧୀୟ ବୃକ୍ଷର ପ୍ରୟୋଗ ହୋଇ ଆସୁଛି । ନିଜ ବାଡ଼ିରେ ଔଷଧୀୟ ଚାରା ଲଗାଇଲେ ବିଭିନ୍ନ ରୋଗରେ ଏହାର ପ୍ରୟୋଗ କରାଯାଇ ଉପଶମ ମିଳିପାରିବ । ୪୫୦୦ ବର୍ଷ ତଳେ ରଚନା କରାଯାଇଥିବା ଅଥର୍ବ ବେଦରେ ଆୟୁର୍ବେଦ ସମ୍ବନ୍ଧରେ ବିଶେଷ ଭାବରେ ଉଲ୍ଲେଖ ରହିଛି । ତେବେ ପରବର୍ତ୍ତୀ ସମୟରେ ଚରକ, ବରାହମିହିର ପ୍ରମୁଖ ମୁନିଋଷି ଏହାକୁ ଆହୁରି ବ୍ୟାପକ କରିଛନ୍ତି । ବିଭିନ୍ନ ଗ୍ରନ୍ଥରେ ୮୦୦୦ ଜାତି ଓ ଉପଜାତିର ଔଷଧୀୟ ଉଦ୍ଭିଦ ସମ୍ପର୍କରେ ବର୍ଣ୍ଣନା ରହିଛି । ସେଗୁଡ଼ିକ ମଧ୍ୟରେ ଅଶୋକ, ରକ୍ତଚନ୍ଦନ, ନାଗେଶ୍ୱର, ଡଙ୍କରୀ, ବରୁଣ, ବାଇବିଡଙ୍ଗ, ସର୍ପଗନ୍ଧା, କୋଇଲିକନ୍ଦ, ପାଟଳୀ ଆଦି ମୂଲ୍ୟବାନ ଔଷଧୀୟ ବୃକ୍ଷ ଲୋପପାଇବାକୁ ବସିଲାଣି । ସଚେତନତା ଅଭାବରୁ ଏହି ବିରଳ ଉଦ୍ଭିଦଗୁଡ଼ିକୁ ବିଲୁପ୍ତ ହେବାକୁ ବସିଛି । ଏ ଦିଗରେ ଯଥେଷ୍ଟ ଜନସଚେତନତାର ଆବଶ୍ୟକତା ରହିଛି । ତେବେ ସରକାରଙ୍କ ପକ୍ଷରୁ ସଚେତନ କରିବାର ଉଦ୍ୟମ ଜାରି ରହିଛି । ଏବେ ପ୍ରାୟତଃ ବହୁ ଲୋକ ନିଜ ବାଡ଼ି ବଗିଚାରେ ବିଭିନ୍ନ ପ୍ରକାରର ଔଷଧୀୟ ଚାରା ଲଗାଉଛନ୍ତି ।

ବର୍ଷାଦିନରେ ଚିକନଗୁନିଆର ଭୟ

ଚିକନଗୁନିଆ ମାଦା ଏଡିଜ୍ ମଶା କାମୁଡ଼ିବା ଦ୍ୱାରା ହୋଇଥାଏ । ଏହି ମଶା ଦିନରେ ଅଧିକ କାମୁଡ଼ନ୍ତି । ମଶାଙ୍କର ଲାଳରେ ଥିବା ଚିକନଗୁନିଆ ଜୀବାଣୁ ଶରୀରରେ ପହଂଚି ରୋଗର କାରଣ ହୋଇଥାନ୍ତି । ଏହି ରୋଗର ଅଧିକ ଦୁଷ୍ପ୍ରଭାବ ଲିଭର ଉପରେ ପଡ଼ିଥାଏ । ଯାହା ଦ୍ୱାରା ଲିଭରରେ ପିତ୍ତ ରସ ତିଆରି ହେବା ବନ୍ଦ ହୋଇଯାଏ । ଏହା ପାଚନ କ୍ରିୟାରେ ହେଉଥିବା ବିକାରକୁ ଦୂର କରିଥାଏ ।

ଲକ୍ଷଣ: ଗଣ୍ଠି ସ୍ଥାନରେ ଅଧିକ ବ୍ୟଥା, ଜ୍ୱର, ଦୁର୍ବଳତା, ଶରୀର ଫୁଲିବା, କୁଣ୍ଡେଇ ହେବା, ପରିସ୍ରା ନ ଲାଗିବା, ବିଚଳିତ ଅନୁଭବ କରିବା, ଥଣ୍ଡା କାଶ ହେବା ଓ ଖାଇବାରେ ସ୍ୱାଦ ନଲାଗିବା ଭଳି ସମସ୍ୟା ଦେଖାଦେଇଥାଏ । ଏହି ରୋଗ ବର୍ଷା ଦିନରେ ଆରମ୍ଭ ହୁଏ । ଏଥିରୁ ରକ୍ଷା ପାଇବା ପାଇଁ ଜୁଲାଇ ମାସର ପ୍ରାରମ୍ଭରେ ଫଳାତ୍ରିକାଦୀକସାୟର କାଢ଼ା ତିନି ଦିନ ପର୍ଯ୍ୟନ୍ତ ସକାଳେ ସଂଧ୍ୟାରେ ପିଅନ୍ତୁ । ଏଥିରେ ହରିଡ଼ା, ବାହାଡ଼ା, ଅଁଳା, ଚିରାୟତା, ବାସାପତ୍ର, ନିମପତ୍ର, କୁଟକୀ ଓ ଗିଲୋୟ ମିଶିଥାଏ । ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇ ଚିକନଗୁନିଆ, ଡେଙ୍ଗୁ, ମ୍ୟାଲେରିଆ ସହିତ ସୁଗାର ଓ କାମଳ ରୋଗୀମାନଙ୍କୁ ମଧ୍ୟ ଲାଭ ଦେଇଥାଏ । ଶରୀରର ଇମ୍ୟୁନିଟି ବଢ଼ାଇବା ପାଇଁ ୩-୪ ତୁଳସୀ ପତ୍ର, ଗିଲୋୟ ରସ ଓ ଗିଲୋୟ ଧନବଟୀ ପିଅନ୍ତୁ ଓ ଖାଆନ୍ତୁ ।

କାଢ଼ା ତିଆରି କରିବାର ପଦ୍ଧତି:
ହରିଡ଼ା, ବାହାଡ଼, ଅଁଳା, କୁଟକୀ, ଚିରାୟତା, ବାସାପତ୍ର, ନିମପତ୍ର ଓ ଗିଲୋୟକୁ ସମାନମାତ୍ରାରେ ନେଇ ତାକୁ ଚୂର୍ଣ୍ଣ କରି ରଖନ୍ତୁ । ପ୍ରତ୍ୟେକ ଦିନ ୧୦ ଗ୍ରାମ ଚୂର୍ଣ୍ଣକୁ ନେଇ ଏକ ଗ୍ଲାସ ପାଣିରେ ଫୁଟାନ୍ତୁ । ପାଣି ଫୁଟି ୪ ଭାଗରୁ ଏକ ଭାଗ ହୋଇଗଲା ପରେ ଅଳ୍ପ ଗରମ ଥିବା ଅବସ୍ଥାରେ ପିଅନ୍ତୁ ।

ଡାଇବେଟିସରୁ ମୁକ୍ତି ପାଆନ୍ତୁ

ଏବେ ପ୍ରାୟତଃ ଅଧିକାଂଶ ଲୋକଙ୍କଠାରେ ଡାଇବେଟିସ ଦେଖାଦେଉଛି । ଏହା ସାଧାରଣ ରୋଗ ହୋଇଥିଲେ ବି ଏହାଦ୍ୱାରା ବ୍ୟକ୍ତିର ଜୀବନ ମଧ୍ୟ ଚାଲିଯାଏ । ଏକ ସର୍ବେକ୍ଷଣରୁ ଜଣାପଡ଼ିଛି, ଏବେ ଟାଇପ୍-୨ ଡାଇବେଟିସ ରୋଗୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଛି । ଗବେଷକଙ୍କ କହିବାନୁସାରେ ଶର୍କରା ସ୍ତର ସାଧାରଣ ଥିଲେ ମଧ୍ୟ ଜଣେ ବ୍ୟକ୍ତିକୁ ଟାଇପ-୨ ଡାଇବେଟିସ ହୋଇଥାଏ । ଏଥିପାଇଁ ଡାଇବେଟିସ ବିଶେଷଜ୍ଞମାନେ କହନ୍ତି ବୟସ ହେବା ପରେ ଡାଇବେଟିସ ପାଇଁ ସଚେତନ ହେବା ଅପେକ୍ଷା ବୟସ ପୂର୍ବରୁ ସଚେତନ ହେଲେ ବହୁତ ଭଲ । ଟାଇପ୍-୨ ଡାଇବେଟିସ ଦ୍ୱାରା ବ୍ୟକ୍ତିର ହୃଦ୍‌ଘାତ,



ହୃଦରୋଗ ଓ ରକ୍ତଚାପ ପରି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । ତେଣୁ ଯଥେଷ୍ଟ ପୂର୍ବରୁ ସଚେତନ ହେବା ନିତାନ୍ତ ଆବଶ୍ୟକ । ଏଥିପାଇଁ ପ୍ରତିଦିନ ବ୍ୟାୟାମ, ମର୍ଣ୍ଣିଂୱାକ୍ କରିପାରିଲେ ଏଥିରୁ ମୁକ୍ତି ପାଇପାରିବେ ।

ଲଗାଇବା ଚାରା ହସିବ ଧାରା

୧୨ ଘଂଟାରେ ୬୬ ନିୟୁତ ଚାରାରୋପଣ

ଭାରତ ବିଶ୍ୱର ତୃତୀୟ ସର୍ବାଧିକ ଅଙ୍ଗାରକାମ୍ଳ ନିଃଶରଣକାରୀ ରାଷ୍ଟ୍ର ପାଲଟିଛି । ଏଣୁ ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାର ନିଦାନ ନିମନ୍ତେ ୨୦୩୦ ସୁଦ୍ଧା ନିଜର ବନାଂଚଳ ପରିମାଣ ବୃଦ୍ଧି କରିବା ନେଇ ଭାରତ ପ୍ୟାରିସ ରାଜିନାମା ସ୍ୱରକ୍ଷର କରିଛି । ଏଥିନିମିତ୍ତ ବିଭିନ୍ନ ସ୍ତରରୁ ଉଦ୍ୟମ ଆରମ୍ଭ ହୋଇଛି । ଏକ ବୃହତ ଉଦ୍ୟମକ୍ରମେ ୨୦୧୭ ଜୁଲାଇ ୨ରେ ମଧ୍ୟପ୍ରଦେଶର ନର୍ମଦା ନଦୀ କୂଳରେ ମାତ୍ର ୧୨ ଘଂଟା ମଧ୍ୟରେ ୬୬ ନିୟୁତ ବୃକ୍ଷରୋପଣ କରାଯାଇଥିଲା । ପୂର୍ବାହ୍ନ ୭ଟାରୁ ଆରମ୍ଭ କରି ସଂଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟକ୍ରମ । ୧.୫ ଲକ୍ଷ ପରିବେଶପ୍ରେମୀ ଏଥିରେ ଯୋଗଦାନ ପୂର୍ବକ ଏହି ଅଭିଯାନକୁ ସଫଳ କରିଥିଲେ । ଗତବର୍ଷ ଉତ୍ତରପ୍ରଦେଶର ସ୍ୱେଚ୍ଛସେବୀମାନେ ଗୋଟିଏ ଦିନ ଭିତରେ ୫୦ ନିୟୁତରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରି ବିଶ୍ୱରେକର୍ଡ ସୃଷ୍ଟି କରିଥିଲେ । ନର୍ମଦା ଉପକୂଳବର୍ତ୍ତୀ ଅଂଚଳରେ ବୃକ୍ଷରୋପଣ ଅଭିଯାନକୁ ଗିନିଜ ବୁକ୍ ଅଫ୍ ୱାଲର୍ଡ ରେକର୍ଡ ପକ୍ଷରୁ ଅନୁଧ୍ୟାନ କରାଯାଇଥିଲା । ସାଧାରଣତଃ ନଦୀ ଉପକୂଳବର୍ତ୍ତୀ କ୍ଷେତ୍ରରେ ବୃକ୍ଷଗୁଡ଼ିକ ସହଜରେ ବଂଚିପାରିବା ସମ୍ଭାବନା ଥାଏ । ଏଣୁ ରାଜ୍ୟର ୨୪ଟି ଜିଲ୍ଲା ଦେଇ ପ୍ରବାହିତ ନର୍ମଦା ନଦୀ ଉପକୂଳରେ ଚାରାରୋପଣ କରିବାକୁ ମଧ୍ୟପ୍ରଦେଶ ସରକାର ସ୍ଥିର କରିଥିଲେ । ଏଥିନିମନ୍ତେ ୨୦ରୁ ଉର୍ଦ୍ଧ୍ୱ କିସମର ଚାରା ସଂଗ୍ରହ କରାଯାଇଥିଲା । ତାହା ଏକ ଐତିହାସିକ ଦିନବୋଲି ତତ୍‌ସମୟରେ ମୁଖ୍ୟମନ୍ତ୍ରୀ ଥିବା ଶିବରାଜ ସିଂ ଚୌହାଣ କହିଥିଲେ । ବୃକ୍ଷରୋପଣ କରି କେବଳ ଭାରତ ନୁହେଁ, ବରଂ ବିଶ୍ୱର ହିତସାଧନ ହୋଇଛି ବୋଲି ସେ କହିଥିଲେ । ଏହି ବୃକ୍ଷଗୁଡ଼ିକ ଇତିମଧ୍ୟରେ ଘନ ସବୁଜିମା ସୃଷ୍ଟି କରିଥିବା ଜଣାଯାଏ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ବିଜ୍ଞୋଚିତ ପରାମର୍ଶ...

ପଦେ କଥା- ଦୁଃଖ ଯନ୍ତ୍ରଣାର ହା ହୁତାଶନରେ ଜଳୁଥିବା ମନରେ ମଳୟର ଶୀତଳ ଛୁଆଁଟିଏ ଏ ଭରି ଦେଇପାରେ ତ କେବେ ଶାନ୍ତ ସରଳ ମନରେ ଲଗାଇ ଦେଇପାରେ ନିଆଁ। ସେଥିପାଇଁ କଥା କହିବାକୁ ନେଇ ଅନେକ ବିଜ୍ଞୋଚିତ ପରାମର୍ଶ ଆମର ପୂର୍ବସୂରୀମାନେ ଦେଇ ଯାଇଛନ୍ତି। ସମ୍ପ୍ରତି ସମାଜରେ ଏଇ କଥା ହିଁ ଚିନ୍ତାର କାରଣ ପାଲଟିଛି ବୁଦ୍ଧିଜୀବୀମାନଙ୍କ ପାଇଁ। ବେଶ୍ କିଛି ବର୍ଷ ହେବ ଭାରତୀୟ ସମାଜରେ ହିଂସା ସୃଷ୍ଟିକାରୀ ଘୃଣାତ୍ମକ ବକ୍ତବ୍ୟ ବା ହେଟ୍ ସ୍ପିଚ୍ ପ୍ରଦାନ ଘଟଣା ବାରମ୍ବାର ଘଟି ଚାଲିଛି। କେତେକ ଦୁର୍ଭାଗ୍ୟଜନକ ଘଟଣାରେ, ଏଭଳି ବକ୍ତବ୍ୟଗୁଡ଼ିକ ସାମାଜିକ ଗଣମାଧ୍ୟମ ଏବଂ କିଛି ଟେଲିଭିଜନ ଚ୍ୟାନେଲରେ ମଧ୍ୟ ପ୍ରସାରିତ ହୋଇଛି। ସେଥିପାଇଁ ଗତ ସପ୍ତାହରେ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟ ଏଭଳି ବକ୍ତବ୍ୟଗୁଡ଼ିକୁ ଅତିରଂଜିତ କରି ପ୍ରସାରିତ କରୁଥିବା ସଂସ୍ଥାମାନଙ୍କ ଉପରେ କଠୋର ଆଭିମୁଖ୍ୟ ଆପଣାଇଛନ୍ତି ଏବଂ ସରକାରଙ୍କୁ ପଚାରିଛନ୍ତି ଯେ ଘୃଣା-ପୂରିତ ବାକ୍ୟମାନ ସାମାଜିକ ବାତାବରଣକୁ କଳୁଷିତ କରି ଚାଲିଥିବାବେଳେ ଏହା କାହିଁକି ନିରବ ରହିଛନ୍ତି। ସୁପ୍ରିମକୋର୍ଟର ମାନ୍ୟବର ବିଚାରପତି କେଏମ୍ ଯୋଶେଫ୍ ଏବଂ ହୃଷିକେଶ ରୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଦୁଇ ମାସର ସମୟ ପ୍ରଦାନ କରିଛନ୍ତି ନିଷ୍ପତ୍ତି ନେବାକୁ କେନ୍ଦ୍ର ସରକାରଙ୍କୁ ଯଦି ଏହାଙ୍କର 'ଘୃଣାତ୍ମକ ବକ୍ତବ୍ୟ' ପ୍ରଦାନକୁ ଦଣ୍ଡନୀୟ ଅପରାଧ ଭାବରେ ପରିଗଣନା କରିବା ନିମନ୍ତେ ଆଇନ ଆଣିବାର ଉଦ୍ଦେଶ୍ୟ ଥାଏ, ତା'ହେଲେ ତାହା କରିବାକୁ। ସାମ୍ପ୍ରତିକ ସମୟରେ ଅସିହଷ୍ଣୁତା ଏବଂ ଧ୍ରୁବୀକରଣର ଏକ କ୍ରମବର୍ଦ୍ଧନମାନ ଶୈଳୀ ଆଉ ଭାରତ ଭିତରେ ସୀମିତ ହୋଇ ରହିନାହିଁ। ଏହା ଦକ୍ଷିଣ ଏସିଆ, ଯୁକ୍ତରାଷ୍ଟ୍ର ଆମେରିକା ଏବଂ ୟୁରୋପ ମହାଦେଶକୁ ମଧ୍ୟ ବ୍ୟାପି ସାରିଲାଣି, ଯାହା ଅତ୍ୟନ୍ତ ଚିନ୍ତାଜନକ। ଭାରତରେ ମଝିରେ ମଝିରେ ଦେଖିବାକୁ ମିଳୁଥିବା ସାମ୍ପ୍ରଦାୟିକ ଉତ୍ତେଜନା ଭଳି ନିକଟରେ ଯୁକ୍ତରାଜ୍ୟର ଲେଇସେଷ୍ଟର ଏବଂ ଆମେରିକାର ନ୍ୟୁ ଜର୍ସି ସହରରେ ମଧ୍ୟ ଦେଖିବାକୁ ମିଳିଚି, ଯାହା ହିଂସା ଓ ବିଭାଜନର ରୂପ ନେଚି। ଲେଇସେଷ୍ଟରରେ ଲୋକମାନଙ୍କୁ ଉସୁକାଇବା ଭଳି ପଦଯାତ୍ରା, ଆକ୍ରମଣ ଏବଂ ଧାର୍ମିକ କେନ୍ଦ୍ରସ୍ଥଳୀଗୁଡ଼ିକ ପ୍ରତି ଧମକ ପ୍ରଦାନ ଦୀର୍ଘ କାଳ ଧରି ଶାନ୍ତିପୂର୍ଣ୍ଣ ଢ଼ଙ୍ଗରେ ସହାବସ୍ଥାନ କରି ଆସୁଥିବା ସମ୍ପ୍ରଦାୟମାନଙ୍କ ମଧ୍ୟରେ ଉତ୍ତେଜକ ସମ୍ପର୍କ ସୃଷ୍ଟି କରିଛି। ଏହି ଉତ୍ତେଜନା ଯୁକେର ବର୍ମିଂହାମ୍ ଭଳି ଅନ୍ୟାନ୍ୟ କେତେକ ଅଂଶକୁ ବ୍ୟାପିଛି, ଯେଉଁସବୁ ସ୍ଥାନରେ ଦକ୍ଷିଣ ଏସୀୟ ରାଷ୍ଟ୍ରମାନଙ୍କର ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟର ଅନେକ ସଂଖ୍ୟକ ଲୋକ ବର୍ଷ ବର୍ଷ ଧରି ବାସ କରି ଆସୁଛନ୍ତି। ପ୍ରକାଶିତ ସମ୍ବାଦ ଅନୁଯାୟୀ, ଏଥିପାଇଁ ନିକଟରେ ଅନୁଷ୍ଠିତ ହୋଇଥିବା ଏକ ଭାରତ-ପାକିସ୍ତାନ କ୍ରିକେଟ୍ ମ୍ୟାଚ୍ ଏଭଳି ଘଟଣାଗୁଡ଼ିକୁ ଉସୁକାଇଥିଲା। ତେବେ ହିଂସାକାଣ୍ଡ ଓ ଏଥିପାଇଁ ଉସୁକାଇବା କାର୍ଯ୍ୟଗୁଡ଼ିକ ଜାତୀୟ ପରିଚୟ ଉପରେ ନୁହେଁ, ବରଂ ବେଳ ବଢ଼ି ଚାଲିଥିବା ଅନୁଦାରବାଦୀ, ଧାର୍ମିକ ପରିଚୟ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା।

ଏକଥା ନିଃସନ୍ଦେହରେ କୁହାଯାଇପାରେ ଯେ ଏସବୁ ଘଟଣା ଏକ ରାଜନୀତିକ ଉଦ୍ଦେଶ୍ୟକୁ ବହନ କରୁଥିବା ସ୍ପଷ୍ଟ। ଉଦାହରଣ ସ୍ୱରୂପ, କିଛି ରିପୋର୍ଟ ମୁତାବକ ଏକ ମୌଳବାଦୀ ହିନ୍ଦୁ ସଂଗଠନର କିଛି ସଦସ୍ୟ ବାତାବରଣକୁ ଉଷ୍ମ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରି ଆସୁଛନ୍ତି। ଇତ୍ୟବସରରେ, ନ୍ୟୁ ଜର୍ସିରେ ଭାରତର ୭୫ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ଏକ ପ୍ୟାରେଡ୍ ମଧ୍ୟ ସମାଲୋଚନାର ଶିକାର ହୋଇଛି- ଉତ୍ତରପ୍ରଦେଶରେ କିଛି ପ୍ରତିବାଦକାରୀ ଓ ସମାଲୋଚକମାନଙ୍କୁ ସାବାଡ଼ କରିବାକୁ ବୁଲ୍‌ଡୋଜର ବ୍ୟବହାର କରାଯିବା ପ୍ରସଙ୍ଗ ସମ୍ପର୍କରେ ଏହି ଅବସରରେ ଅବତାରଣା କରାଯିବା ପରେ। ଚଳିତବର୍ଷ ପ୍ରାରମ୍ଭରେ କାନାଡ଼ାରେ ଜଣେ ଆତ୍ମଘୋଷିତ ହିନ୍ଦୁ ଜାତୀୟତାବାଦୀ, ଯିଏକ ଅନେକଗୁଡ଼ିଏ ପ୍ରବାସୀ ଗୋଷ୍ଠୀଙ୍କୁ ନେତୃତ୍ୱ ପ୍ରଦାନ କରୁଛନ୍ତି, ସେ ଭାରତରେ ନିର୍ଦ୍ଦିଷ୍ଟ ଭାବରେ ଦୁଇଗୋଟିଏ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କୁ ହତ୍ୟା କରିବା ପାଇଁ ସର୍ବସାଧାରଣରେ ଆହ୍ୱାନ ଦେଇଥିଲେ।

ଏସବୁ ସତ୍ତ୍ୱେ ଏଭଳି ଅଧ୍ୟାୟଗୁଡ଼ିକ କେବଳ ଗୋଟିଏ ରାଜନୀତିକ ଆଦର୍ଶବାଦର ପ୍ରଚାର ପ୍ରସାର ଭିତରେ ସୀମିତ ବୋଲି ଦେଖିବା ଅଦୂରଦର୍ଶିତାର ପରିଚାୟକ ହେବ। ବାସ୍ତବରେ ସାମ୍ପ୍ରଦାୟିକ ଏବଂ ଘୃଣା-ପୂରିତ ବିଭାଜନଗୁଡ଼ିକ ବର୍ତ୍ତମାନ ସମୟରେ ବିଶ୍ୱର ବେଶ୍ କିଛି ଉଲ୍ଲେଖନୀୟ ଅଂଶକୁ ନିଜ ହାତମୁଠାକୁ ନେଇ ସାରିଛି। ଏହା ନିକଟ ଅତୀତର ବର୍ଷମାନଙ୍କରେ ମିଆଁମାରରେ ରୋହିଙ୍ଗ୍ୟାମାନଙ୍କ ଗଣହତ୍ୟା, ଆଫଗାନିସ୍ତାନରେ ତାଲିବାନମାନଙ୍କ କ୍ଷମତାକୁ ପ୍ରତ୍ୟାବର୍ତ୍ତନ, ପାକିସ୍ତାନ-ଯେଉଁଠି ସାମ୍ପ୍ରଦାୟିକ ଏବଂ ଧାର୍ମିକ ସଂଖ୍ୟାଲଘୁମାନଙ୍କୁ ନିୟମିତ ଭାବରେ ଲକ୍ଷ୍ୟଭୁକ୍ତ କରାଯାଇଥାଏ, ସେଠାରେ ସହିତ ଯୁଦ୍ଧଜନିତ ଅପରାଧ ପାଇଁ ଏକ ନିର୍ଦ୍ଦିଷ୍ଟ ସରକାରଙ୍କୁ ଦାୟୀ କରାଯାଉଥିବା ଶ୍ରୀଲଙ୍କାରେ ଏବଂ ଅବଶ୍ୟ ଭାରତରେ ତାର ଉଦ୍ଦେଶ୍ୟରେ ସଫଳ ହୋଇଛି।

ଔଷଧ ଓ ଗୋ-ଚୋରାଣର ଗୋରଖଧନ୍ଦା

ସୌମେନ୍ଦ୍ର ଜେନା

ଭାରତକୁ ଔଷଧ ଉତ୍ପାଦନର କେନ୍ଦ୍ର କରିବାକୁ ସବୁବେଳେ ପ୍ରୟାସ ହୋଇଆସିଛି । ପୃଥିବୀର ଏକ ପଞ୍ଚମାଂଶ ଲୋକେ ଏଠାରେ ବସବାସ କରୁଥିବା ହେତୁ ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ଶସ୍ତାରେ ଏବଂ ସୁବିଧାରେ ଯେପରି ଔଷଧ ଉପଲବ୍ଧ ହୋଇପାରିବ ସେଥିପାଇଁ ନୂଆ ନୂଆ ଔଷଧ ଉତ୍ପାଦନ ହେଉଛି, ଟୀକା ପ୍ରସ୍ତୁତ ହେଉଛି । କିନ୍ତୁ ଏହି ଔଷଧର ବହୁଳତା ଯୋଗୁ ଏହାର ମନ୍ଦ ଉପଯୋଗ ମଧ୍ୟ ବଢିବାରେ ଲାଗିଛି । ଏବେ ପଡୋଶୀ ବଙ୍ଗଳାଦେଶକୁ ଭାରତପଟୁ ଔଷଧପତ୍ର ଏବଂ ଗୋ-ଚୋରାଣ ବଢିବାରେ ଲାଗିଛି । ଫେନ୍‌ସେଡିଲ ନାମକ ୧୫୦ଟଙ୍କାର ଔଷଧ ବଙ୍ଗଳାଦେଶରେ ପ୍ରବେଶ କଲାପରେ ୧୫୦୦ଟଙ୍କାରେ ବିକ୍ରି ହେବାରେ ଲାଗିଛି । ୧୦୦ ମିଲିଗ୍ରାମର ଏକ ବୋତଲ ଔଷଧ ଯେ ପଡୋଶୀ ଦେଶରେ ଏତେ ଅଧିକ ଟଙ୍କାରେ ବିକ୍ରି କରାଯାଇପାରେ ଏହା ଜାଣିବା ପରେ ଅନେକ ଚୋରା ବ୍ୟବସାୟୀ ଭାରତରୁ ଔଷଧ ନେଇ ବିଦେଶକୁ ଚୋରାଣ କରିବାରେ ବ୍ୟସ୍ତ । ଭାରତ-ବଙ୍ଗଳାଦେଶର ୪୦୯୬କିମି ସୀମାରେ ବହୁସଂଖ୍ୟକ ଲୋକ ଏହି କାରବାରରେ ସାମିଲ ହୋଇଛନ୍ତି । ବଙ୍ଗଳାଦେଶରେ ଧାର୍ମିକ ଦୃଷ୍ଟିରୁ ମଦ୍ୟପାନକୁ ବିରୋଧ କରାଯାଉଥିବାରୁ ସେଠାକାର ଲୋକେ ନିଶା ପାଇଁ ଔଷଧ ଖାଇବାକୁ ଅଧିକ ପସନ୍ଦ କରୁଛନ୍ତି । ଫେନ୍‌ସେଡିଲ କୋଡିନ କ୍ଲୋରୋଫେନିରାମିନର ମିଶ୍ରଣରୁ ପ୍ରସ୍ତୁତ ହୋଇଥାଏ । ଥଣ୍ଡା-କାଶ କ୍ଷେତ୍ରରେ କଫ୍‌ସିରପ ଭାବେ ବ୍ୟବହୃତ ଏହି ଔଷଧ କୋଡିନ ଓପିଓଡ୍ ନାମକ ରାସାୟନିକ ଶ୍ରେଣୀର ଅନ୍ତର୍ଗତ । ଓଫିଓଡ ଔଷଧ ଯନ୍ତ୍ରଣାରୁ ଉପଶମ ପାଇଁ ବ୍ୟବହୃତ ହୋଇଥାଏ । ଅଫିମ, ହେରୋଇନ, ମର୍ଫିନ ପରି ନିଶାଦ୍ରବ୍ୟ ହିଁ ଓପିଓଡ । ଦୀର୍ଘଦିନ ଧରି ଏହାକୁ ସେବନ କଲେ ବ୍ୟକ୍ତି ଏଥିରେ ଆସକ୍ତ ହୋଇଯାଏ ।

ଭାରତରୁ ବଙ୍ଗଳାଦେଶକୁ ଚୋରାଚୋରାଣ ହେଉଥିବା ଔଷଧ ଓ ଗଞ୍ଜେଇ ଭିନ୍ନ ଭିନ୍ନ ରାଜ୍ୟରୁ ଆସିଥାଏ । ପଶ୍ଚିମବଙ୍ଗର ସୀମାବର୍ତ୍ତୀ ଜିଲ୍ଲା ମୁର୍ଶିଦାବାଦ ମୁସଲିମ ବହୁଳ ଏବଂ ସୀମାର ଉଭୟ ପାର୍ଶ୍ୱରେ ଥିବା ଜନବସତିର ଧର୍ମ, ଭାଷା ପାରିବାରିକ ସଂପର୍କ ରହିଥିବା ହେତୁ ଏହି ଜିଲ୍ଲାକୁ ବ୍ୟବସାୟୀମାନେ ସବୁଠୁ ସୁରକ୍ଷିତ ମନେକରିଥାନ୍ତି । ବଙ୍ଗଳାଦେଶକୁ ଚୋରାଣ ହେଉଥିବା ଔଷଧ ଉତ୍ତର ପ୍ରଦେଶରୁ ଆସୁଥିବା ସମୟରେ ଗଞ୍ଜେଇ ଓଡିଶାରୁ ଆସିଥାଏ । ଯେହେତୁ ମାଲକାନଗିରି ଜିଲ୍ଲାରେ ଅନେକ ବଙ୍ଗଳାଦେଶୀ ପରିବାର ରହିଛନ୍ତି ଏବଂ ସେମାନେ ସେଠାକାର ନକ୍‌ସାଲ ଅଧୁଷିତ ଜଙ୍ଗଲଘେରା ଅଞ୍ଚଳରେ ହଜାର ହଜାର ଏକର ଜଙ୍ଗଲରେ ଗଞ୍ଜେଇଚାଷ କରୁଛନ୍ତି ତେଣୁ ଏହି ବ୍ୟବସାୟ ସେମାନଙ୍କ ପାଇଁ ବହୁ ସହଜ ହୋଇଛି । ଏକଥା ସତ ଯେ ସଡକରେ ଯାଞ୍ଚ ଓ କଟକଣା ଯୋଗୁ ୧୦ ପ୍ରତିଶତ ଗଞ୍ଜେଇ ଧରାପଡୁଥିଲେ ମଧ୍ୟ ୯୦ ପ୍ରତିଶତ ସୁରକ୍ଷିତ ଭାବେ ଓଡିଶାରୁ ମୁର୍ଶିଦାବାଦକୁ ଆସିଥାଏ । ମୁର୍ଶିଦାବାଦର ଖୋଲା ସୀମାର ଚାଷ ଜମି ମଧ୍ୟରେ ଏସବୁକୁ ଲୁଚାଇ ରଖାଯାଏ । ସମୟ ଓ ସୁବିଧା ଦେଖି ସୀମା ପାର କରାଯାଏ । ଜାଲଙ୍ଗୀ ନାମକ ସୀମା ନିକଟବର୍ତ୍ତୀ ଗ୍ରାମର ସଂଖ୍ୟାଧିକ ଲୋକ ନିଶାଦ୍ରବ୍ୟ ପରିବହନ କାର୍ଯ୍ୟରେ ସଂପୃକ୍ତ ରହିଛନ୍ତି । ଗୋଟିଏ ପ୍ୟାକେଟ ମାଲ୍‌କୁ ସୀମାପାର କରିବା ପାଇଁ ୭୦୦ଟଙ୍କା ଲୋକଙ୍କୁ ମିଳିଥାଏ । ଯେଉଁସବୁ ଗାଡିରେ ଔଷଧ କିମ୍ବା ଗଞ୍ଜେଇ ଅଣାଯାଇଥାଏ ସେସବୁକୁ ସୀମାଠାରୁ ଦୁଇତିନି କିଲୋମିଟର ଦୂରବର୍ତ୍ତୀ ଗ୍ରାମରେ ରଖାଯାଏ । ତାହା କୌଣସି ଗ୍ରାମବାସୀ କିମ୍ବା ତସ୍କରଙ୍କ ଗୋଦାମରେ ରହିଥାଏ । ମାଲକୁ ଛୋଟ ଛୋଟ ପ୍ୟାକେଟରେ ଭିନ୍ନ ଭିନ୍ନ ଲୋକକୁ ଦିଆଯାଏ । କେହି ସବୁ ମାଲ ନିଏ ନାହିଁ । ସ୍ତ୍ରୀ ଲୋକମାନେ ପିନ୍ଧାଶାଢୀ ତଳେ ପେଟ ପାଖରେ ଏକ ସ୍ୱତନ୍ତ୍ର ବେଲ୍ଟରେ ଥିବା ଔଷଧ ଓ ଗଞ୍ଜେଇକୁ ନେଇଥାନ୍ତି । ଚାଷଜମିରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ମଧ୍ୟ ମାଲ ପରିବହନରେ ସାହାଯ୍ୟ କରନ୍ତି । ଏମାନେ ଚାଷଜମି ନିକଟସ୍ଥ ସୀମା ପାଖକୁ ଯାଇ ଗୋଟିଏ ପଟୁ ଆରପଟକୁ ପ୍ୟାକେଟ ଫିଙ୍ଗି ଦିଅନ୍ତି । କେହି ସୀମା ଅତିକ୍ରମ କରନ୍ତି ନାହିଁ । ପୁଲିସ ଏବଂ ବିଏସ୍‌ଏଫ୍‌ର ଯାଞ୍ଚକୁ ଏଡାଇବା ପାଇଁ ମୋଟର ସାଇକେଲର ଟାୟାର ଭିତରେ ଲୋକେ ଗଞ୍ଜେଇ ପ୍ୟାକେଟ ରଖିଥାନ୍ତି । ସୀମା ନିକଟବର୍ତ୍ତୀ ବଙ୍ଗଳାଦେଶ ଭିତରକୁ ପ୍ରାୟ ତିନି-ଚାରି କିଲୋମିଟର ପର୍ଯ୍ୟନ୍ତ ଭାରତର ଟେଲିଫୋନ୍ ସେବା କାର୍ଯ୍ୟରତ ଥିବା ହେତୁ ସୀମାର ଉଭୟ ପଟରେ ଥିବା ତସ୍କରଙ୍କ ଯୋଗାଯୋଗରେ କିଛି ଅସୁବିଧା ହୋଇନଥାଏ । ଚାଷ ଜମିରେ ମୂଲିଆଙ୍କୁ ଦିନକୁ ୩୦୦ଟଙ୍କା ମଜୁରୀ ମିଳୁଥିଲା ବେଳେ ନିଶାଦ୍ରବ୍ୟ ପରିବହନରେ ୫୦୦ରୁ ୭୦୦ ଟଙ୍କା ପର୍ଯ୍ୟନ୍ତ ମଜୁରୀ ମିଳିଥାଏ । ଚୋରା କାରବାରରେ ସଂପୃକ୍ତ ଲୋକଙ୍କର ଦୁଇଦେଶର ନାଗରିକ ପ୍ରମାଣପତ୍ର ଥିବାରୁ ସେମାନେ ଧରାପଡିଲେ ଖସିଯିବା ସହଜ ହୋଇଥାଏ ।

ଭାରତର ଅନେକ ଔଷଧ କମ୍ପାନୀ ଟିକସ ସୁବିଧା ପାଇଁ ହିମାଚଳ ପ୍ରଦେଶରେ କାରଖାନା ବସାଇଛନ୍ତି । ଫେନ୍‌ସେଡିଲ ଔଷଧ ହିମାଚଳ ପ୍ରଦେଶର ସୋଲନରୁ ପ୍ରସ୍ତୁତ ହୋଇ ଲକ୍ଷ୍ନୌ କିମ୍ବା ବନାରସକୁ ଗାଡିରେ ଚୋରାଣ ହୋଇଥାଏ । ସେଠାରୁ ସୁବିଧା କରି ମୁର୍ଶିଦାବାଦର ଜାଲଙ୍ଗୀକୁ ପଠାଯାଇଥାଏ । ବଙ୍ଗଳାଦେଶ ଭାରତ ସୀମାରେଖାର ମୋଟ ୪୦୯୬ କିମି ମଧ୍ୟରୁ ପଶ୍ଚିମବଙ୍ଗ ରାଜ୍ୟରେ ୨୨୧୭ କିମିର ସୀମାରେଖା ରହିଛି । ତେଣୁ ଅଧିକ ପରିମାଣର ଚୋରାଣ ଏହି ସୀମା ଦେଇ ହୋଇଥାଏ । ଏହାଛଡା ଆସାମରେ ୨୬୨କିମି, ତ୍ରିପୁରାରେ ୮୫୬ କିମି , ମିଜୋରାମରେ ୩୧୮କି.ମି, ମେଘାଳୟରେ ୪୪୩କିମି ସୀମା ବଙ୍ଗଳାଦେଶକୁ ଲାଗିଛି । ଏସବୁ ରାଜ୍ୟର ସୀମାରେ ମଧ୍ୟ ଚୋରାଚୋରାଣ ଜାରି ରହିଛି । ନିଶା ପାଇଁ ଭାରତରୁ ଫେନ୍‌ସେଡିଲ ଏବଂ ମ୍ୟାନମାରରୁ ୟାବା ଟାବଲେଟ୍ ସହ ଓଡିଶାର ଗଞ୍ଜେଇକୁ ବଙ୍ଗଳାଦେଶ ପଠାଯାଉଛି । ୟାବା ଟାବଲେଟ ଉତ୍ତର-ପୂର୍ବ ସୀମାନ୍ତର ମଣିପୁର ଏବଂ ମିଜୋରାମ ରାଜ୍ୟରୁ ପଶ୍ଚିମବଙ୍ଗକୁ ଆସୁଛି । ତେବେ କେବେ କେବେ ଏସବୁ ଜବତ ମଧ୍ୟ ହେଉଛି । ଫେନ୍‌ସେଡିଲ ଔଷଧ ଜବତର ତାଲିକାକୁ ଦେଖିଲେ ୨୦୧୮ରେ ୧ଲକ୍ଷ ୩୯ହଜାର ବୋତଲ, ୨୦୧୯ରେ ୨ଲକ୍ଷ ୧୨ହଜାର, ୨୦୨୧ରେ ୧ଲକ୍ଷ ୬୩ହଜାର ବୋତଲ, ୨୦୨୨ରେ ଅଗଷ୍ଟ ସୁଦ୍ଧା ୨ଲକ୍ଷ ବୋତଲ ପୁଲିସ ଜବତ କରିଛି । ଭାରତରୁ ନିଶାଦ୍ରବ୍ୟ, ଔଷଧ ଆଦି ବଙ୍ଗଳାଦେଶକୁ ଚୋରା ଚୋରାଣ ହେଲାବେଳେ ବଙ୍ଗଳାଦେଶରୁ ଭାରତକୁ ସୁନା ଚୋରାଣ ହୋଇଥାଏ । କାରଣ ବଙ୍ଗଳାଦେଶରେ ସୁନାର ଦର ଭାରତଠାରୁ ଶସ୍ତାଥିବାରୁ ସାଉଦି ଆରବର ସୁନା ବଙ୍ଗଳାଦେଶ ମଧ୍ୟ ଦେଇ ଭାରତକୁ ଆସିଥାଏ ।

ସେହିପରି ଗୋ-ଚୋରାଣର ବଡ ର୍ୟାକେଟ ଆସାମ- ପଶ୍ଚିମବଙ୍ଗ ସୀମାନ୍ତରେ ରହିଛନ୍ତି । ନିକଟରେ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସର ବୀରଭୂମ ଜିଲ୍ଲାର ନେତା ଅନୁବ୍ରତ ମଣ୍ଡଳଙ୍କୁ ଗୋ-ଚୋରାଣ ଅଭିଯୋଗରେ ସିବିଆଇ ଧରିଥିଲା । ସେ ଏହି ବ୍ୟବସାୟରୁ ୧୦୦୦କୋଟି ଟଙ୍କା ରୋଜଗାର କରିଥିବା ଅନୁମାନ କରାଯାଉଛି । ବଙ୍ଗଳାଦେଶ -ଭାରତ ମଧ୍ୟରେ ଗଙ୍ଗାନଦୀ ସୀମାରେଖା ଭାବେ ଅନେକ ସ୍ଥାନରେ ଚିହ୍ନିତ ହୋଇଛି । ଭାରତରେ ଏହି ନଦୀ ଗଙ୍ଗା ଓ ବଙ୍ଗଳାଦେଶରେ ପଦ୍ମା ନାମରେ ପରିଚିତ । ନଦୀର ଉଭୟ ପାର୍ଶ୍ୱରେ ଥିବା ତସ୍କରମାନେ ସଂଗଠିତ ଢଙ୍ଗରେ ଭିନ୍ନ ଭିନ୍ନ ରାଜ୍ୟରୁ ଗୋରୁମାନଙ୍କୁ ସଡକପଥରେ ଆଣି ସୀମାର ନିକଟବର୍ତ୍ତୀ ଗ୍ରାମରେ ଥିବା ତସ୍କରମାନଙ୍କ ନିକଟରେ ପହଞ୍ଚାଇଥାନ୍ତି । ସେଠାରୁ ତସ୍କରମାନେ ଗୋରୁଗୁଡିକୁ ନିଜ ନିଜର ଲୋକ (ଗ୍ରାମବାସୀ)ଙ୍କୁ ହସ୍ତାନ୍ତରିତ କରିଥାନ୍ତି । ଲୋକେ କିଛି କିଛି ଗୋରୁଙ୍କୁ ନିଜ ଘରେ ରଖିବା ପରେ ସୁବିଧା ଦେଖି ନଦୀପାର କରିବାକୁ ଚେଷ୍ଟା କରିଥାନ୍ତି । ସୀମାରେ ନଦୀର ଦୁଇପାଖରେ ମୁକୁଳା ଏବଂ ଚାଷ ଜମିଥିବାରୁ ଏହି କାର୍ଯ୍ୟ କରିବାକୁ ଅସୁବିଧା ହୋଇନଥାଏ । ବଙ୍ଗଳାଦେଶର ସୀମାରେ କୁଷ୍ଟିୟା , ପବନା ଏବଂ ରାଜସାହୀ ଜିଲ୍ଲା ପଦ୍ମାନଦୀର କୂଳରେ ରହିଛି । ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା, ନଦିୟା, ମୁର୍ଶିଦାବାଦ, ଉତ୍ତର ଓ ଦକ୍ଷିଣ ଦିନାଜପୁର, କୁଚବିହାର, ମାଲଦା ଆଦି ଜିଲ୍ଲା ବଙ୍ଗଳାଦେଶ ସୀମାରେ ରହିଛି । କିନ୍ତୁ ନଦିୟା ଏବଂ ମୁର୍ଶିଦାବାଦ ଜିଲ୍ଲା ଗୋ-ଚୋରାଣର ମୁଖ୍ୟ ମାର୍ଗ ହୋଇଛି । ଝାଡଖଣ୍ଡ, ଓଡିଶା, ଉତ୍ତର ଭାରତରୁ ଗୋ-ଚୋରାଣକାରୀମାନେ ପ୍ରଥମେ ସଡକ ପଥରେ ଗାଡି ଯୋଗେ ଗୋରୁମାନଙ୍କୁ ଆଣି ନିଜ ଲୋକମାନଙ୍କ ଗୁହାଳରେ କିଛି ଦିନ ରଖିଥାନ୍ତି । ଲୋକମାନଙ୍କ କାର୍ଯ୍ୟ ହେଲା ସୁବିଧା ଦେଖି ନଦୀ ରାସ୍ତାରେ ଗୋରୁଙ୍କୁ ବଙ୍ଗଳାଦେଶ ପଠାଇବା । ଗୋରୁ ପିଛା ସେମାନଙ୍କୁ ପରିବହନ ଖର୍ଚ୍ଚ ଦିଆଯାଇଥାଏ । ତସ୍କରମାନଙ୍କଠାରୁ ବେଶ୍ ଭଲପଇସା ଏହି ଗ୍ରାମବାସୀମାନେ ପାଇଥାନ୍ତି । ସୀମାବର୍ତ୍ତୀ ଗ୍ରାମଗୁଡିକ ମୁସଲିମ ବହୁଳ ବଙ୍ଗଭାଷୀ ହୋଇଥିବା ଯୋଗୁ ଉଭୟ ପାର୍ଶ୍ୱର ଲୋକଙ୍କ ମଧ୍ୟରେ ଯୋଗାଯୋଗ ଅସୁବିଧା ହୋଇନଥାଏ । ଅନେକ ଲୋକଙ୍କର ବ୍ୟାଙ୍କ୍ ଜମାଖାତା ଏବଂ ପରିଚୟପତ୍ର ଦୁଇଦେଶର ଥିବା ହେତୁ ସେମାନେ ଟଙ୍କା ଜମା କରିବାରେ କିମ୍ବା ଗୋଟିଏ ପଟେ ଜମା କରି ଅନ୍ୟ ପଟେ ଉଠାଇବାରେ ଅସୁବିଧା ହୋଇନଥାଏ । ସୀମାର ଅନେକ ଲୋକ ୬ମାସ ଭାରତରେ, ୬ମାସ ବଙ୍ଗଳାଦେଶରେ ପେସାକୁ ନେଇ ରହିଥାନ୍ତି । ସେମାନଙ୍କ ମଧ୍ୟରେ ଫରକ ବାରିବା କଷ୍ଟକର ହୋଇଥାଏ । ଉଭୟ ପଟେ ଥିବା ତସ୍କର ସ୍ଥାନୀୟ ରାଜନେତା, ପୁଲିସ ଏବଂ ସୀମାସୁରକ୍ଷା ବାହିନୀର ସଂପର୍କରେ ରହି ସଂଗଠିତ ଢଙ୍ଗରେ ଏହି ବ୍ୟବସାୟ ଚଳାଇ ଆସୁଛନ୍ତି । ଭାରତର ଗୋରୁ ୫ରୁ ୭ଗୁଣ ଅର୍ଥରେ ବଙ୍ଗଳାଦେଶରେ ବିକ୍ରି ହେଉଥିବାରୁ ଏହି ବ୍ୟବସାୟରେ ବହୁଲୋକ ସାମିଲ ହୋଇଛନ୍ତି ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

ଆନ୍ତର୍ଜାତିକ ଶାନ୍ତି ଦିବସ ପାଳନର ତାତ୍ପର୍ଯ୍ୟ

ପ୍ରଦୀପ୍ତ ଆଚାର୍ଯ୍ୟ

ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସ ତୃତୀୟ ମଙ୍ଗଳବାରରେ ଆନ୍ତର୍ଜାତିକ ଶାନ୍ତି ଦିବସ ପାଳନ ହେବ ବୋଲି, ଜାତିସଂଘର ସାଧାରଣ ପରିଷଦ ୧୯୮୧ ମସିହାରେ ଏକ ପ୍ରସ୍ତାବ ଗୃହୀତ କରାଇଥିଲେ। ଏହିଦିନ ଜାତିସଂଘ ସାଧାରଣ ପରିଷଦର ବାର୍ଷିକ ଅଧିବେଶନ ଆରମ୍ଭ ହେଉଥିବାରୁ,ଏହି ଦିବସଟିକୁ ଶାନ୍ତି ଦିବସ ରୂପେ ପାଳନ କରିବାକୁ ନିଷ୍ପତି ନିଆଯାଇଥିଲା। ସମଗ୍ର ପୃଥିବୀରେ, ପରସ୍ପର ମଧ୍ୟରେ ଶାନ୍ତି ପ୍ରତିଷ୍ଠା କରି ଏହାକୁ ଦୃଢୀଭୁତ କରିବା ନିମନ୍ତେ ଜନ ସଚେତନତା ସୃ

ବାରମ୍ବାର ସମୁଦ୍ର
ହରିଶ୍ଚନ୍ଦ୍ର ବେହେରା

ଯେତେ ଦେଖିଲେ ବି
କାହିଁକି କେଜାଣି ମୋତେ ଆଛନ୍ନ କରେ
ସମୁଦ୍ରର ନିବିଡ଼ ନୀଳିମା ବାରମ୍ବାର
ଦୂର ଦିଗବଳୟ ପାଖରେ ଦିଶେ ପୁଣି ହଜିଯାଏ
ମୋତି ମାଣିକରେ ଝଲମଲ ଗୋଟେ ଜାହାଜ
ହାତୀ ଘୋଡା ପାହାଡ଼ ପର୍ବତରେ ମେଘକୁ
ସଜାଉଥାଏ ସମୁଦ୍ର ସେଇଠି
ଆସନ୍ତା ସକାଳକୁ ସଜେଇ ଦିଏ
ରକ୍ତାମ୍ବରୀ ପାଟ ମୁକୁଟରେ
ଜଣେ କିଏ ଠିଆ ପହଁରା ଦେଉ ଦେଉ ଗୋଟେ
ନାଲ ପେଣ୍ଟୁକୁ ଧରି
ଓଲ୍ଲେହି ଯାଏ ଆକାଶ ଆଡ଼େ ତର ତର
କେତେ ଅଝଟ ହୁଏ ଦିଗବଳୟ ଛାତିରେ ଚାପି
ବୋକ ଦେବାକୁ
ତା' ଅସରନ୍ତି ନୀଳକୁ
ଅଙ୍ଗେନିଭା କେତେ ଦୁଃଖ
କହି ନ ପାରିବାର ଅବସାଦରେ
ନିଜକୁ ଭାଙ୍ଗିରୁଜି ଦିଏ ବେଳା
କନ୍ୟାର କୁମାରୀ ଜଘନରେ
ବାରମ୍ବାର
କେତେ ଫନି ସୁନାମି ଆମ୍ଫାନ
ହୁଡ଼ହୁଡ଼ର ଅଦଉତି ସହି ନ ପାରି
ଫଣାଟେକି ଗର୍ଜନ କଲାବେଳେ
ଭାଙ୍ଗିଯାଇଛି କେତେ ନୌକା
ନୋଳିଆପିଲାର ଛାତି
କେତେ ଅନୁରକ୍ତ ମଗର ଶାଙ୍କୁଚ କୁମ୍ଭିର
ଶିପ ଶାମୁକା ମାନେ
ତା'ର ଅଯାଚିତ ସ୍ନେହରେ
ପରିପୂର୍ଣ୍ଣ ଜୀବନ ପାତ୍ର
ଶତ୍ରୁ ମିତ୍ର ବନ୍ଧୁ ଅବନ୍ଧୁ
ସମସ୍ତେ ତ ଗୋଟିଏ ଘରେ
ଆତ ଜାତ ନିର୍ଭୟରେ
ଅମୃତ ସମାନ ଅଟେ ଆହା ସେଇ ଘର-
ନଇକି ଆଲିଙ୍ଗିବା ବେଳେ
କେଉଁଠି ଥାଏ ଏତେ ପ୍ରେମିକ ପଣ
ମିଠା ସମ୍ମୋହନ
ଯାହା ଦିଶେନାହିଁ ଚର୍ମ ଆଖିରେ କାହାକୁ
ଢେଉଭାଙ୍ଗେ ବାଲିକଙ୍କଡ଼ାର ନୀଡ଼
ତା' କୁନି ହାତର କୁଟିକମ
ଅଭିମାନରୁ ଓଲ୍ଲେହି ପୁଣି ଗଢେ
ସମୃଦ୍ରର ବାଦସାହି କୁହାଟ
ଏବଂ କ୍ଷୁଧାର୍ତ୍ତ ହାହାକାର
ଭିତରେ ଶୁଣିପାରେ
ଗୋଟେ ସ୍ନେହୀ ମନର ନାନାବାୟା
ହୃଦୟ ରାଗ
ନିରୀହ ମାଛଙ୍କ ନିରାପଦ ନୀଡ଼ରେ
ଆମେ ଲଗେଇ ଦେଇଛୁ ବାଡ଼ବାଗ୍ନି
ଯୁଦ୍ଧ ଜାହାଜର ଘନଘଟା
ଆମେ ତିଆରିଛୁ କେତେ ଉଦ୍ଭଟ କାହାଣୀ
ଜିଦଖୋର ଦେବତା ଆଉ
ଦାନବଙ୍କ ସମୁଦ୍ର ମନ୍ଥନ
ଜ୍ୟୋତିର୍ମୟ ସୁଦର୍ଶନ କୋଳେଇନେବା ଅବା
ଅଗସ୍ତିଙ୍କ ହସ୍ତରେ ଗଣ୍ଡୁଷେ ଜଳ ହୋଇ ଯିବା
ଐଶ୍ୱର୍ଯ୍ୟ ସବୁ ଲୁଟି ନେବା ପରେ
ଏବେ ସେ ଖୁବ୍ ଉଦଭ୍ରାନ୍ତ
ମେଘ ଓ ପବନ ନେଇ ଯେତେ ସବୁ ପ୍ରତିବାଦ
ଯା'ର ସରଳାର୍ଥ ମୋଟେ
ବୁଝି ପାରିନାହିଁ ମଣିଷ ଏ ଯାଏ
ଚନ୍ଦ୍ର ବିଧୌତ ରଜନୀ ନୁହେଁ
ଅମାବସ୍ୟା ରାତିଟିଏ
ଲୋଡ଼ାଥିଲା ଅଶାନ୍ତ ସମୁଦ୍ର ଲାଗି
ଅନାହତ ଶିହରଣ ଅବା
ହୃଦୟର ଅଙ୍ଗୀକାର ଲାଗି ।

❤ କଲ୍ୟାଣ ନଗର, ବାଲେଶ୍ୱର-୧
ମୋ- ୯୪୩୭୮୧୩୭୦୮

ବିଦଗ୍ଧ କୁମୁଦ
ପ୍ରଣତି ଆଚାର୍ଯ୍ୟ ମିଶ୍ର

ନୀଳ ସରୋବରେ ନିଶି ବିଜନରେ
ଢଳ ଢଳ ନୀଳକଇଁ
ନିରୋଳା ବେଳାରେ ନିରେଖି ଚାହେଁ ସେ
ସୁଧାଂଶୁ ଜୋଛନା ପାଇଁ ।

ତଡାଗ ବିତାନ ସଜାଇ ବିଦଗ୍ଧା
ଶୋଳଷୀ ବୟସୀ କଳି
ବୟସ ବାସ୍ନାରେ ଅନିନ୍ଦ୍ୟ ରୂପ ତା
ସରସୀରେ ଖେଳେ ଦୋଳି

ଚହଲା ପାଣିରେ ରୂପ ତାର ଦେଖି
ପ୍ରଭଞ୍ଜନ ପ୍ରେମ ପାଇଁ
ଅଙ୍ଗେ ଅଙ୍ଗେ ଭରି ପ୍ରୀତି ମକରନ୍ଦ
ଯାଏ କୁମୁଦକୁ ଛୁଇଁ ।

ରୋଷଣୀ କରିଣ ଆସଇ ଶଶାଙ୍କ
ସ୍ମିତହାସ୍ୟ ଦେଇ ନଭେ
କେତେ ଆହ୍ଲାଦନେ ନୀଳ ତରଙ୍ଗରେ
ପୀରତି ସାନିଧ ଲଭେ ।

ପବିତ୍ର ବନ୍ଧନେ ମହେନ୍ଦ୍ର ମୁହୂର୍ତ୍ତ
ପ୍ରେମ ନୈସର୍ଗିକ ଶିରି
ଲାଜରେ କୈରବ ଶୀତାଂଶୁ ପଲଙ୍କେ
ଜୋଛନା ପଡଇ ଝରି ।

ନୀଳ ତରଙ୍ଗ ରେ ନୀଳ ସରସୀରେ
ପ୍ରେମର ଯୁଗଳ ବନ୍ଦୀ
ଭାବ ସ୍ପନ୍ଦନର ଏ ପ୍ରେମ ଶାସ୍ୱତ
ଗହଳ ସପନ ଛନ୍ଦି ।

ବିଦଗ୍ଧ କୁମୁଦ ପ୍ରେମେ ମାତି ଇନ୍ଦୁ
ଦେହେ ଛିଟା ଛିଟା ଦାଗ
କାଚକେନ୍ଦୁ ଜଳେ ପତରେ ପଡିଛି
ପ୍ରୀତି ଭରା ଅନୁରାଗ ।

❤ ନୟାଗଡ଼
ମୋ: ୯୪୩୭୬୪୨୯୪୭

ଏମିତି କିଛି କହି ହୁଏନା
ପୁଷ୍ପାଞ୍ଜଳି ମିଶ୍ର

ସବୁ କଥା ସିଧା ସଳଖ କହି ହୁଏନା
ଆଉ କହିଲେ
ମାଧୁର୍ଯ୍ୟ କମିଯାଏ
ମଳିନ ପଡିଯାଏ
ସେଇଥି ପାଇଁ ତ ତୁମକୁ
ସେଦିନ ଅନୁରୋଧ କରି ଥିଲି
ପ୍ରାଣର ଦରଦୀ ସାଥିଟିଏ ପରି
ସବୁକଥା ଖୋଲି କହିଥିଲି
ତୁମେ କାଳେ ବୁଝି ଯିବ ବୋଲି
ତୁମେ ଏତେ ଚାଲାଖ
ମୁଁ ଜାଣି ନ ଥିଲି
ମୋ ଠାରୁ ଯାହା ଶୁଣିଲ
ତାକୁ ରୂପ ଦେଇ
ମତେ ଶୁଣାଇଲ
ମୋ ମନକୁ ଅସ୍ତ ବ୍ୟସ୍ତ କରିଦେଲ
ଦେହ ଆଉ ମନକୁ କଷ୍ଟ ଦେଲ
ମଝିରେ ସେତୁଟିଏ ହୋଇ
ସବୁ ସହିଗଲ
ସବୁ ନିନ୍ଦା ଆଉ ଅପବାଦକୁ
ସହିଗଲ ଛାତି ପାତି
ଭାବୁଛି ତୁମଠାରୁ ଦୂରେଇ ଯିବାକୁ
ହେଲେ, ପାରେନା
ତୁମ ଭଲ ପାଇବାକୁ
କେମିତି ମାପିବି
ମାପକାଠିର ଅଭାବ
ନୀଳପଦ୍ମ ପରି ତୁମ ଆଖି ଦେଖି
ସବୁ କିଛି ଭୁଲିଯାଏ
ଆକାଶରେ ଉଡି ଯିବାକୁ
ଇଚ୍ଛା ଥିଲେ ବି
ଧୂସରିଆ ଆକାଶକୁ ଦେଖିଲେ
ଭାରିଡର ଲାଗେ
ତୁମ ପାଖରେ ମୁଁ
ଚିରନ୍ତନ ପ୍ରେମର ଶାଶ୍ୱତ
ମୋ ହୃଦୟରେ ତୁମେ
ପ୍ରାଣରେ ଆତ୍ମାରେ
ଯା ପରେ ବି ତୁମକୁ କ ଣ
ସବୁ କହି ବି ନା ଅଭିମାନ କରି ବି ।

❤ ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
ମୋ: ୯୫୫୬୬୪୩୯୨୧

ଅନାବନା କବିତା
ଅକ୍ଷୟ କୁମାର ରାଉତ

ଭଙ୍ଗା ଚାଳ ଘରେ ରହୁଥିବା ଝୁମ୍ପା ବୁଢ଼ୀ
ବିଧବା ଭତ୍ତା ପାଇଁ ବାର ଦୁଆର ହେଉଛି
ଗତ ନିର୍ବାଚନରେ ସେ କାଳେ
ବିରୋଧୀ ଦଳକୁ ଭୋଟ ଦେଇଥିଲା ।

କାଲି ଯିଏ ପ୍ରେମକୁ ସତ୍ୟ, ସୁନ୍ଦର, ତ୍ୟାଗ
ସମ୍ପର୍କର ପବିତ୍ର ବନ୍ଧନ କହୁଥିଲା
ଆଜି ସେ ଜଣକୁ ଛାଡି
ଆଉ କାହା ହାତଧରି ବୁଲୁଛି ।

ସଂସ୍କାର ନାଆଁରେ ଜ୍ଞାନ ବାଣ୍ଟୁ ଥିବା ବାବା
ବଳାତ୍କାର ଅଭିଯୋଗରେ
ଏବେ ଜେଲରେ ପ୍ରବଚନ ଦେଉଛନ୍ତି
ହତ୍ୟା, ବଳାତ୍କାର ଅଭିଯୁକ୍ତ ମାନେ
ମନ ଧ୍ୟାନ ଦେଇ ଜ୍ଞାନ ଆହରଣ କରୁଛନ୍ତି ।

ପ୍ରତି ନିର୍ବାଚନରେ ଭୋଟରଙ୍କୁ ଫ୍ରି ରେବଡିର
ମିଥ୍ୟା ପ୍ରଲୋଭନ ଦେଖାଇ
ଭୋଟ ନେଉଥିବା ନେତାଗଣ
ଫ୍ରି ରେବଡ଼ି ବିରୁଦ୍ଧରେ
କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି ।

ଦେଶର ସବୁଠୁ ଧନୀ ବ୍ୟକ୍ତି
ବ୍ୟାଙ୍କ ଋଣ ନଦେଇ ପାରିବାରୁ
ସରକାର ଦୟା ଦେଖାଇ ଋଣ ଛାଡ କରିଛନ୍ତି
କୃଷି ଋଣ ଦେଉନଥିବା ଗରିବ କୃଷକକୁ
ବ୍ୟାଙ୍କ ବାଲା ନୋଟିସ ଧରାଇଛନ୍ତି ।

ସତ୍ୟ କହୁଥିବା ଲୋକେ ଆଜି
ଦେଶଦ୍ରୋହୀ କେସ୍ ରେ ଜେଲରେ ବନ୍ଦ୍
ଦେଶଦ୍ରୋହୀ ମାନେ ଦେଶପ୍ରେମୀ ମାନଙ୍କୁ
ପ୍ରମାଣ ପତ୍ର ବାଣ୍ଟୁଛନ୍ତି
ଗଣତନ୍ତ୍ର କୁ ସୁଦୃଢ଼ କରିବା ପାଇଁ
ଶାସକ ଦଳ ଏବେ
ବିଧାୟକ କିଣିବାରେ ବ୍ୟସ୍ତ ।

❤ ନୂଆଦିଲ୍ଲୀ
ମୋ: ୯୭୧୧୦୬୯୪୨୫

ଆଲୋ ଏ ଅଳସୀ
ଦିବାକର ନାୟକ

ଅଳସୀ ଫୁଲ ତୋ ମଧୁର ମହକ
ପାଗଳ କରିଛି ମୋତେ
ଫୁଲର ରୂପରେ ଆଲୋ ଅଳସୀ ତୁ
ଗିରି କନିଆଁ କି ସତେ ।

ଶରତର ମାଟି ବୁକେ
ହସିଉଠୁ ମନ ଭରି
ହଳଦୀ ବୋଳା ତୋ ତନୁ
ସୁନାର ଅଳକାପୁରୀ

ପାହାଡ଼ କୁଞ୍ଜିକୁଞ୍ଜିକା
ମୟୂର ଚନ୍ଦ୍ରିକା ପତା
ଆଖିରେ ଚାହାଣୀ ଢେଉ
ତୋଳେ ମିଠା ମାଦକତା

ଆଲୋ ଅଳସୀ ! ତୁ ଅଳସ ପଣରେ
ଘାରିହେଉ କିବା ଏତେ..
ଅଳସୀ ଫୁଲ ତୋ ମଧୁର ମହକ
ପାଗଳ କରିଛି ମୋତେ ।

ଅଢେଇ ଦିନିଆ ସିନା
ଏଇ ତୋ ରୂପର ଭାଉ
ହେଲେ ତୋର ସରଳତା
କିଣିଲା କି ମୋତେ ଆଉ

ବନାନୀର ନୀଳ ଶାଢ଼ୀ
ଝରଣା ପାଉଁଜି ସୁର
ତୋତେ ସଜେଇ ମଜେଇ
ମୋତେ ସେ କରେ ଅଧୀର

ଆଲୋ ଏ ଅଳସୀ ! ମୋ ମନ ମାନସୀ
ସାଜିଲୁ କି ଅଜାଣତେ..
ଅଳସୀ ଫୁଲ ତୋ ମଧୁର ମହକ
ପାଗଳ କରିଛି ମୋତେ ।

❤ ପାଟପୁର, କନିସି-୭୬୧୦୦୮
ଭା- ଗୋଳନ୍ତୁରା, ଗଞ୍ଜାମ
ମୋ- ୯୯୩୮୬୧୯୮୧

ପ୍ରାର୍ଥନା
ମାନସ ରଞ୍ଜନ ନାୟକ

କେଇ କ୍ଷଣ ପ୍ରାଚୁର୍ଯ୍ୟକୁ ତିଳେ ନାହିଁ ମୋହ
ପ୍ରାର୍ଥନାରେ ଜିତୁଛି ମୁଁ ନିତି ଲୁହ କୋହ
ଅଭାବେ ସ୍ୱଭାବ ନଷ୍ଟ, କରେ ମୁଁ ଅନିଷ୍ଟ
ପ୍ରାର୍ଥନାରେ ପ୍ରାୟଶ୍ଚିତ, ହୋଇ ଏକନିଷ୍ଠ।

ବିତୁଛି ଆୟୁଷ କେତେ ତିଳ ତର୍ପଣରେ
ନିଇତି ଦେଖୁଛି ପାପ ମନ ଦର୍ପଣରେ
ଐଶ୍ୱର୍ଯ୍ୟ ଆକାଶକୁ ଜୀବନ ମାଟି ମୁହାଁ
ମାୟା ମୃଗ ପଛେ ପୁଣି ବାଟବଣା କିଆଁ ?

ମୁଁକାର ମନ୍ତ୍ରରେ ଜପେ ସ୍ୱାର୍ଥ ପଞ୍ଚାକ୍ଷରୀ
ଭାଗବତ ଶୁଣୁଥାଏ ସଂସାର ଆବୋରି
ଲାଭ କ୍ଷତି କଷୁଥାଏ ପାସୋରି କର୍ତ୍ତବ୍ୟ
ଅନୁତାପ କରେ ଦ୍ୱାହି ଭାଗ୍ୟ ଭବିତବ୍ୟ।

ମରଣ ହିଁ ଧ୍ରୁବ ସତ୍ୟ ଏ ନଶ୍ୱ ଶରୀରେ
ବିଭୋର ଲକ୍ଷ ଅର୍ଜିତ ଆୟୁଷପଣରେ
ଆଞ୍ଜୁଳାଏ ସୁଖସୁପ୍ତି ଯୌବନ ହୁଂକାର
ପାପ ପୁଣ୍ୟ ଭାଳିହୁଏ ଶୁଣି ଓମକାର ।

ଜୀବନର ପରିଧିରେ ବାସନା ପାରିଧି
ଅବଧି ପୂର୍ବରୁ ମିଳେ ସଂସାରେ ସମାଧି
ତୁଟିଛି ତିମିର ଏବେ ଚେତନା ଔଜ୍ଜ୍ୱଲ୍ୟେ
ଭିକ ଭୋକ ମେଣ୍ଟିଯାଏ ମୁଠାଏ କୈବଲ୍ୟେ।

ଚିରୁଡାଏ ଜ୍ଞାନ ପ୍ରାପ୍ତି ଆଣିଛି ବ୍ୟୁତ୍ପତ୍ତି
ଭସ୍ମାସୁର ପ୍ରାୟେ ନାଶେ ନିଜର ଉତ୍ପତ୍ତି
ପ୍ରାର୍ଥନା ଦିବ୍ୟ ସୁଖ ନିଃସର୍ତ୍ତ ସମର୍ପଣ
ପରମାତ୍ମା ଅନ୍ୱେଷଣେ ଭାବର କାର୍ପଣ୍ୟ ?

❤ ମଞ୍ଜୁରୀ ରୋଡ୍, ଭଦ୍ରକ
ମୋ- ୯୮୯୦୮୫୧୪୨୭

ଆଉ ଥରେ ମୋ ଖିଆଲ ଆସେ
ତାରାପ୍ରସାଦ ଜେନା

ଆଉ ଥରେ ମୋ ଖିଆଲ ଆସେ, ତୋ ପାଇଁ ଆଇନା ହେବି
ସଜ ଚେହେରା ନିତି ତୋ ଦେଖି ସତରେ ମୁଁ ଧନ୍ୟ ହେବି !

ଆଉ ଥରେ ମୋ ଖିଆଲ ଆସେ, ହେବି ଲୋ ଲାକ୍ଷାର ରସ
ତୋ ପାଦ ଟିକେ କଅଁଳ ଛୁଆଁ ଓଠରେ ଲାଖିବ ହସ
ଆଉ ଥରେ ମୋ ଖିଆଲ ଆସେ, ତୋ'ପାଦ ପାଉଁଜି ହେବି !

ଆଉ ଥରେ ମୋ ଖିଆଲ ଆସେ, ତୋ ଲାଗି କଜ୍ଜଳ ଆଖି
ସପନ ସାଥେ ହଜାରେ ଗପ ସତରେ ଦେବି ଲେଖି

ଆଉ ଥରେ ମୋ ଖିଆଲ ଆସେ, ସରମ ଓଢ଼ଣୀ ହେବି !

ଆଉ ଥରେ ମୋ ଖିଆଲ ଆସେ, ହେବି ତୋ ସିନ୍ଦୂର ବିନ୍ଦୁ
ତୋ ହାତେ ଥିବ ଦି'ପଟ ଶଙ୍ଖା ସଧବା ରମଣୀ ହିନ୍ଦୁ
ଆଉ ଥରେ ମୋ ଖିଆଲ ଆସେ, ତୋ ମନ ମଣିଷ ହେବି !

❤ ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬,
ମୋ: ୯୩୪୮୦୫୪୩୦୦

ନିଛକ ତୁ
ଶୁଭଦର୍ଶିନୀ ଦାଶ

ଭାବନାର ସହ ଛନ୍ଦି ହୋଇ
କେବେ ବଦଳି ପାରେନି ତୋ ଗତିପଥ
ଜୀବନର ବାସ୍ତବତା ତୁ
ଅବାସ୍ତବତା ତୋତେ ଲୁଚାଇ ପାରେନା
ତା ପରିକଳ୍ପନାର ମିଛ ଆବରଣ ତଳେ ।

ବିଶାଳ ସେ ନୀଳ ଆକାଶ
ରଙ୍ଗେଇ ଦେଇଛି ସତେ ଅବା ତା ରଙ୍ଗେ
କେବେ ରହି ପାରିବୁନି ତୁ
ମିଛ ମୋତିଟିଏ ହୋଇ
ସାତତାଳ ସମୁଦ୍ରର ତଳେ
ଝଲସି ଉଠିବୁ ଲାଲ କିରଣ ପରି ।

ଏ ଦୁନିଆ ଯଦି ଏକ ରଙ୍ଗମଞ୍ଚ
ଏଠି ନିଜ କ୍ରନ୍ଦନରେ ହୁଏ ନିଜର ସ୍ୱାଗତ
ଆତ୍ମୀୟ ଅଶ୍ରୁଳ ନୟନେ କରନ୍ତି ବିଦାୟ
ଏହା ଅଟେ ସତ୍ୟ ଚିରନ୍ତନ ।

ଅଭିନୟ ଚାଲେ ଏଠି
ଶେଷ ନିଶ୍ୱାସର ଶେଷ ପାଦ ଯାଏଁ
ହସ ଲୁହର ସେ ଚମତ୍କାର ଅଭିନୟେ,
ମିଛ ଆସେ ସଜେଇ ହୋଇ
ସ୍ନୋ ପାଉଡର ନାଇ
ସତେ କି ଆକର୍ଷଣ ରୂପ ତା'ର
ପ୍ରଶଂସା ରେ ଉଜାଣି ବହେ କୂଳ ଖାଇ,
ବିନା ସଜେଇ ଆସେ ବୋଲି ତୁ
ତୋ ଆଗମନେ କେବେ କରତାଳି ଶୁଭେନାହିଁ।

ମନ ଜିଣିନିଏ ବାହାପିଆ ମିଛ ତା କଥା
କଥାରେ
ମିଠା ମିଠା ପ୍ରଲେପ ନେସିଦେଇ
ତୋ କଥା ଖାଲି କାନରେ ଖେଞ୍ଚଇ
ରହିଯାଉ ସଦା ଅଗ୍ରହୀତା ହୋଇ ।

ହେ 'ସତ୍ୟ'.....
ତୁ ଅପ୍ରିୟ,କିନ୍ତୁ ନିର୍ମଳ
ବାକି ସବୁ ଛଳ
ତୁ ହିଁ ସୁନ୍ଦର, ନାହିଁ ତୋର କ୍ଷୟ ।

❤ ଭୁବନେଶ୍ୱର

ସ୍ମୃତି ଯେତେବେଳେ ପାଖରେ ଥିଲା
ଦିଲିପ୍ କୁମାର ତ୍ରିପାଠୀ

ସ୍ମୃତି ଯେତେବେଳେ ପାଖରେ ଥିଲା-
ସ୍ମୃତି ଯେତେବେଳେ ପାଖରେ ଥିଲା
ସ୍ମୃତି ଯେତେବେଳେ ପାଖରେ ଥିଲା
ରୋଜ୍ ତିଆରି ହେଉଥିଲା
ପଞ୍ଚା ପଞ୍ଚା ସ୍ମୃତି,
ନଦୀ କୂଳ ପାଦଘସା ପଥର ଫାଂକରେ
ଖସୁଥିଲା ପାଉଁଜି
ଗାଁ ମନ୍ଦିରର ଆଳତି ଲାଗୁଥିଲା ଭଲ
ଇଚ୍ଛା ହେଉଥିଲା ସବୁ ଶନିବାରରେ ଆସିବାକୁ,
ଗାଁକୁ

ସ୍ମୃତି ମାନଙ୍କର କି ସ୍ମୃତିର
ଆସିବା ଯିବାର ନଥିଲା ବେଳ କି ସମୟ
ସେମାନେ ଆସୁଥିଲେ ରଜରେ, ହୋଲିରେ
ଜାଗରରେ, ଦୋଳ ଯାତ୍ରା ପଡିଆରେ
ପଞ୍ଚୁକ ରାତିରେ ତ'
କେବେକେବେ ମାମୁଁ ଘର ଛାତରେ–
ପୁନେଇଁ ଜହ୍ନର କାନ୍ଧରେ ଲାଉ ହେଇ

ଉଷୁମ ମନ କୁ ଶୀତଳ କରିବାରେ
ସ୍ମୃତିର ଜବାବ୍ ନାହିଁ,
ସେମିତି ବି ତୟାର୍ ଥାଏ
ଶୀତଳ ଦେହକୁ ଉଷ୍ମ କରିବା ପାଇଁ

ଏବେ କିନ୍ତୁ ସ୍ମୃତି ମାନେ ବୁଢା
ସ୍ମୃତିର ଆଖିତଳ କଳା
କରଜ, ଦାୟିତ୍ୱ ଆଉ ସଂଘର୍ଷର ରେଖା ମାନେ
ସ୍ମୃତିର ତାଳୁକୁ ଭିଡି ଧରିଛନ୍ତି
ମୁହଁରେ ପଂଚ ଫୁଟଣ ଛିଟକାର ଚିହ୍ନ
ଜଗିଛନ୍ତି କହିବାକୁ ବୟସ

ଗଲା କାଲି ସ୍ମୃତି ସହ ଦେଖା ହେଇଥିଲା
ଚାହିଁ ରହିଲା ଖାଲି !

ଢ଼େର ସମୟର ଚୁପି ଭାଙ୍ଗି
ଖାଲି ଏତିକି ପଚାରି ପାରିଲା
କେମିତି ଅଛ ତମେ ?
କେମିତି ଅଛନ୍ତି ଆମ ସ୍ମୃତି ମାନେ ?
ମୁଁ କିଛି କହି ପାରିଲିନି !
ଝାପ୍ସା ଦିଶିଲା ବୋଲି ଚଷମାଟା କାଢ଼ି
ରୁମାଲ୍ ରେ ପୋଛିଲି ।

❤ ଢେଙ୍କାନାଳ, ପର୍ଜଙ୍ଗ
କୁନ୍ଦନଦେଇପୁର ଶାସନ
ମୋ: ୯୭୭୮୧୦୬୧୦୫

ଆଗନ୍ତୁକ
ମିନାକ୍ଷୀ ଦ୍ୱିବେଦୀ

କବିତା ଶେଷ ହେବା ପୂର୍ବରୁ
କୁଆଡେ ଆସିଛୁ ମୃତ୍ୟୁ... ?

ଆସିବୁ ଯଦି ଆସେ,
କିନ୍ତୁ ନିଛାଟିଆ ଖରାବେଳେ କି
ଅନ୍ଧକାର ରାତିରେ ଆସିବୁନି .....
ତତେ 'ମୋ ରାଣ'
ମୋର ତ ଅନେକ କାମବାକି ଅଛି।
ଏତେ ବ୍ୟସ୍ତ କାହିଁକି.. ?
ସୋହାଗରେ ବାଟବଣା ହୋଇ
ଆଉ ପଶି ଆସିବୁନି,
ଏଇନେ ତୋ ପାଇଁ ସମୟ ନାହିଁ
କବିତା ସରିବାକୁ ଆହୁରି ଅନେକ ସମୟ..
ଅନ୍ଧାରରେ ସେଇଠି ବସିଥା.....

କୋଳେଇ ନେବି,
ଆ ଆ ବୋଲି ହାତ ଠାରି ଡାକିବି.....
ତୋର ସେଇ ଚିରକାଳ ଅଝଟ ପଣକୁ
ଚୁପଚାପ ମଧ୍ୟ ସହିଯିବି

ମିଛ କହୁନି ଏବେବି ତତେ
ବେଳେବେଳେ ସ୍ୱପ୍ନ ଦେଖେ,
ତୋ ମାୟା ରେ ବାୟା ହୋଇଯାଏ,
ଦୁର୍ବଳ ହାତରେ
ଆପଣେଇବାକୁ ବି ଚେଷ୍ଟାକରେ,
ତୁ କିନ୍ତୁ ମିଳେଇ ଯାଉ ଆକୁଣ୍ଠିତ ମହକ ରେ.....
ଆଜି କେମିତି,
କାହିଁକି ଅଜାଣତେ ପଶି ଆସିଛୁ.. ?
ଭୁଲ ବୁଝିବୁନି ଆଜି ବହୁତ କାମ...
ଆଖି ବୁଜି ଅନ୍ଧ ତପସ୍ୟାରେ ରତ
ହଁ... ତୋ ଆକାଶ ସ୍ପର୍ଶି
ଆଖିର ଚମକ ବୁଝି ପାରୁଛି

ଆଜି ମୁଁ ନିରୁପାୟ
ମୋତେ କିନ୍ତୁ ପନ୍ଥପତ୍ର
ଓଦା କରୁନି, ଛୁଇଁ ପାରୁନି ତୋର ଆବେଗ,
ତୋର ଭାବାବେଗ,
ତୋର ଆକୁଳ ନିବେଦନ

ହୃଦୟ ହୀନ ତ ମୁଁ ନୁହଁ,
ବେଳ ଆସିଲେ ତତେ ନିଶ୍ଚୟ ଆଦରି ନେବି,
ଆବୋରି ନେବି.....
ନ ଥିବ ସେତେବେଳେ ଫୁଟିବାର ସୁଖ,
ନା ଥିବ ମୋହିବାର ଦୁଃଖ,
ନା ଥିବ ଝରିବାର ସନ୍ତାପ।

❤ ମୋ: ୭୯୭୮୦୮୨୮୩୪

ଆତ୍ମତୃପ୍ତି
ଶିବ ପ୍ରସାଦ ବାହିନୀପତି

ସେଦିନ ଶନିବାର
ପୂତ ହେଲା ମନ ପ୍ରାଣ
ଖେଳିଗଲା ମୋର ମାନସ ପଟ୍ଟଳେ
ଅହେତୁକ ଭାବ ଓ ଭକ୍ତିର ଶିହରଣ ।
ମିଳିଗଲା ଆତ୍ମତୃପ୍ତି
ପାଇଗଲି ସବୁକିଛି
ଯାହା ଥିଲା ଇଚ୍ଛା ମୋର
ପୂର୍ଣ୍ଣ ହେଲା ଅବିଳମ୍ବେ ତାହା ।
ପ୍ରାପ୍ତ କଲି ପର୍ଯ୍ୟାପ୍ତ ପ୍ରମାଣେ ଶାନ୍ତି
ଧୌତ ହେଲା କୋଟି ଜନ୍ମର ପାତକ
ପ୍ରଭାତ ଦର୍ଶନେ ପୁଲ୍କିତ ହେଲା
ମନ ପ୍ରାଣ ମୋର ।
ମୃତ ବସ୍ତା ଜୀବନ ପାଇଲା ପରି
ଥୁଣ୍ଟା ଗଛ ଡାଳେ ପତ୍ର କଅଁଳିଲା ପରି
ଶୁଷ୍କ ତୃଣ ପୁନର୍ଜୀବନ ପାଇବା ପରି
ସବୁକିଛି ପାଇଗଲି ସେହିଦିନ ।
ଯାଜପୁର ସହର ଉପକଣ୍ଠରେ
ତବ ନିଳୟେ ପ୍ରବେଶି
ପବିତ୍ର ପ୍ରଲେପ ଲାଗିଗଲା ମୋ ସର୍ବାଙ୍ଗେ
ପବିତ୍ରତା ପ୍ରାପ୍ତ କଲା ବେନି ନେତ୍ର ମୋର ।
ଶରଣ ରକ୍ଷଣୀ ରକ୍ଷାକାଳୀ ମାଆ
ପାଦେ ମୋର ବାନ୍ଧିଦେଲ ଡୋରୀ
ଭିଡି ନେଲ ନିକଟକୁ
ଆଶାଧିକ ଫଳ କଲି ପ୍ରାପ୍ତ ।
ଦର୍ଶନ ତ ମିଳିଗଲା ମାଆ,
ଶରଣାର୍ଥୀ କରିଦିଅନ୍ତ କି ;
ସାର୍ଥକ ହୋଇ ଯାଆନ୍ତା
ଏ ମାନବ ଜନ୍ମ ମୋର ।
ତରିଯା'ନ୍ତି ମିଛ ମାୟା ସଂସାରରୁ
ମଳିନ ମନକୁ ମିଳିଯା'ନ୍ତା
ମାଆର ଟୋପାଏ ସ୍ନେହ
କଣ୍ଠେ ଲମ୍ବି ଯାଆନ୍ତା ରକ୍ଷା କବଚ ।।

❤ ଭାଟପଡା, ନିରାକାରପୁର,
କଣାସ (ପୁରୀ)
ମୋ: ୮୯୧୭୪୮୦୫୩୬

ଜଗତସିଂହପୁର ଓ ଗଞ୍ଜାମ ଜିଲ୍ଲାରେ 'ଅହିଂସା ରଥ' ପରିକ୍ରମା

ଭୁବନେଶ୍ୱର,୨୬/୦୯ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ତୃତୀୟ ଦିନରେ ଅହିଂସା ରଥ ବିଭିନ୍ନ ସ୍ଥାନ ବୁଲି ଗାନ୍ଧିଜୀ, ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅବଦାନ, ବୀର ସ୍ୱାଧୀନତା ସଂଗ୍ରାମୀମାନଙ୍କ ସଂପର୍କିତ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ କରୁଥିବାବେଳେ ଜଗତସିଂହପୁରରେ ଆଜି ଅହିଂସା ରଥ ପରିକ୍ରମା ଆରମ୍ଭ ହୋଇଛି । ଗାନ୍ଧିଜୀଙ୍କ ଅହିଂସା ମନ୍ତ୍ରରେ ଦୀକ୍ଷିତ ହୋଇ ଲକ୍ଷ ଲକ୍ଷ ଲୋକ ସ୍ୱାଧୀନତାର ଉଚ୍ଛ୍ୱାସକୁ ଅନୁଭବ କରିଥିବାବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ଅହିଂସା ରଥର ଅଭିନବ କାର୍ଯ୍ୟକ୍ରମ ଜନସାଧାରଣଙ୍କ ମଧ୍ୟରେ ଦେଶପ୍ରେମ ଏବଂ ଜାତୀୟତା ଭାବନାର ପୁନଃଜାଗରଣ ସୃଷ୍ଟି କରାଇପାରିଛି ।

ଆଜି ଦୁଇଟି ଅହିଂସା ରଥକୁ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ କୁଜଙ୍ଗ ବ୍ଲକ୍‌ର ଭୂତମୁଣ୍ଡାଇଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଜଗତସିଂହପୁର ସାଂସଦ ଡା. ରାଜଶ୍ରୀ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସଚ୍ଚିଦାନନ୍ଦ ସାହୁ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଶ୍ରୀ ରୁଦ୍ରନାରାୟଣ ଦାଶ, ଉପଜିଲ୍ଲାପାଳ ଶ୍ରୀ ଧର୍ମେନ୍ଦ୍ର ମଲ୍ଲିକ, କୁଜଙ୍ଗ ବ୍ଲକ୍ ଅଧ୍ୟକ୍ଷା ଶ୍ରୀମତୀ ନୀନାରାଣୀ ସାହୁ, ଉପାଧ୍ୟକ୍ଷ ଜ୍ଞାନଜିତ୍ ସ୍ୱାଇଁ, ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ଜନପ୍ରତିନିଧି, ମିଶନ ଶକ୍ତି ସଦସ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ, ଛାତ୍ରଛାତ୍ରୀ ଓ ବହୁସଂଖ୍ୟକ ଜନସାଧାରଣ ଉପସ୍ଥିତ ରହି ଅହିଂସା ରଥକୁ ସ୍ୱାଗତ ଜଣାଇଥିଲେ।

ଗୋଟିଏ ଅହିଂସା ରଥ ଜଗତି ହାଇସ୍କୁଲ, ଚଉମୁହାଣି, ପାରାଦ୍ୱୀପଗଡ଼, ଉଦୟବଟ, ଦୋଛକି ଦେଇ ପାରାଦ୍ୱୀପ ପୌରପରିଷଦ ଅଂଚଳରେ ପରିକ୍ରମା କରିଥିଲା । ଏନ୍‌ଏସି ହାଇସ୍କୁଲ ପାରାଦ୍ୱୀପ, ବିଜୁ ମଇଦାନ ଦେଇ କୁଜଙ୍ଗ ବ୍ଲକ୍‌ର ଝିମାଣି, କାଳିଆପାଟ ଅଂଚଳ ପରିକ୍ରମା କରି ରଥ ବି.ବି. ହାଇସ୍କୁଲ, କୁଜଙ୍ଗଠାରେ ପହଂଚିଥିଲା । ଅନ୍ୟ ରଥଟି ରାହାମା ବଜାର, ନଭୋଦୟ ବିଦ୍ୟାଳୟ, ବଡ଼ବାଳିକଣି, ସରଳି, ପଣ୍ଡୁଆ, ସାଇଲୋ ବଣିତୋ, ପୋତାନଈ ଅତିକ୍ରମ କରି ଏରସମା ବ୍ଲକ୍ ଅଂଚଳରେ ପରିକ୍ରମା କରିଥିଲା । ପାରାଦ୍ୱୀପ ବିଧାୟକ ଶ୍ରୀ ସମ୍ବିତ ରାଉତରାୟ, ନଭୋଦୟ ବିଦ୍ୟାଳୟଠାରେ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏରସମାଠାରେ ବାଲିକୁଦା-ଏରସମା ବିଧାୟକ ଶ୍ରୀ ରଘୁନନ୍ଦନ ଦାସ, ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ବିଡ଼ିଓ କୈଳାସ ବେହେରା ଓ ତହସିଲଦାର ପ୍ରମୁଖ ଉପସ୍ଥିତ ରହି ରଥକୁ ସ୍ୱାଗତ ଜଣାଇଥିଲେ । ଏକ ବିଶାଳ ଶୋଭାଯାତ୍ରାରେ ଚଟୁଆସ୍ଥିତ ଐତିହାସିକ ବେଢ଼ିମଠଠାରେ ଅହିଂସା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । କୁଜଙ୍ଗର ପାଇକ ଆଖାଡ଼ା ଦଳ ଆକର୍ଷଣୀୟ ପାଇକ ଆଖାଡ଼ା ପ୍ରଦର୍ଶନ କରିଥିଲେ । ଅହିଂସାର ବାର୍ତ୍ତା ବହନ କରି ତୃତୀୟ ଦିବସରେ ଅହିଂସା ରଥ ମଧ୍ୟରୁ ଗୋଟିଏ ରଥ ଗଞ୍ଜାମ ଜିଲ୍ଲାର ସୋରଡ଼ା ବ୍ଲକ୍ ପରିକ୍ରମା କରିଛି । ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବ୍ଲକ୍ ଅଧ୍ୟକ୍ଷା ସାଇବାଣୀ ମଲ୍ଲିକ, ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷ ଶିବଶଙ୍କର ପଣ୍ଡା, ବିଡ଼ିଓ ସୀମାଂଚଳ ମଣ୍ଡଳ, ତହସିଲଦାର ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ, କାର୍ଯ୍ୟନିର୍ବାହୀ ଅଧିକାରୀ ଦ୍ୱିତୀକୃଷ୍ଣ ପାତ୍ର, ପଂଚାୟତିରାଜ ପ୍ରତିନିଧି ପ୍ରମୁଖ ରଥକୁ ସ୍ୱାଗତ କରିଥିଲେ । ମହାତ୍ମା ଗାନ୍ଧୀ ସ୍ମୃତି ଭବନଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସ୍ଥାନୀୟ କଳାକାର ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପରେ ରଥକୁ ବେଲଗୁଣ୍ଡାଠାରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ତହସିଲଦାର ଧରଣୀଧର ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ରାକେଶ କୁମାର ପାତ୍ର, ବ୍ଲକ୍ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷ ଫିରୋଜ ସେଠୀ, ପଂଚାୟତିରାଜ ପ୍ରତିନିଧି, ଛାତ୍ରଛାତ୍ରୀ ଓ ବହୁସଂଖ୍ୟକ ଜନସାଧାରଣ ସ୍ୱାଗତ କରିଥିଲେ । ବାଘନାଚ, ଷଢ଼ଜନାଚ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଲୋକନୃତ୍ୟ ଅନୁଷ୍ଠିତ ହୋଇଥିଲା । ସେହିପରି ଭଞ୍ଜନଗରଠାରେ ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ବିଡ଼ିଓ ଶଶିଭୂଷଣ ମହାପାତ୍ର, ତହସିଲଦାର ନିହାର ରଞ୍ଜନ ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ସମାଜସେବୀ ଶୁଲପାଣି ଶତପଥୀ, ଜଗଦୀଶ ପାଣିଗ୍ରାହୀ, ସାଂସଦଙ୍କ ପ୍ରତିନିଧି ପଂଚାନନ ପାଳ, ଜନପ୍ରତିନିଧି, ଛାତ୍ରୀଛାତ୍ରୀ ଅହିଂସା ରଥକୁ ସ୍ୱାଗତ କରିଥିଲେ । ଭଞ୍ଜନଗର ବିପଦର ବନ୍ଧୁଙ୍କ ଦ୍ୱାରା ୭୫ ମିଟର ଦୈର୍ଘ୍ୟବିଶିଷ୍ଟ ଜାତୀୟ ପତାକା ରାଲି କରାଯାଇଥିଲା । ଯୋଡ଼ିଶଙ୍ଗ, ବାଘନାଚ, ପଶୁନୃତ୍ୟ ଏବଂ ସୂଚନା ଓ ଲୋକସଂପର୍କ ଅଧିକାରୀ ରବିନାରାୟଣ ବେହେରାଙ୍କ ରଚିତ ମୁକ୍ତିପଥ ଯାତ୍ରୀ-ଅହିଂସା ସାରଥୀ ନାଟକ ପରିବେଷଣ କରାଯାଇଥିଲା । ଅନ୍ୟ ରଥଟି କୁକୁଡ଼ାଖଣ୍ଡି ବ୍ଲକ୍‌ରେ ପହଂଚିବା ପରେ ବିଡ଼ିଓ ପଲ୍ଲବୀ ସ୍ୱାଇଁ, ତହସିଲଦାର କଲ୍ୟାଣୀ ସଂଘମିତ୍ରା ଦେବୀ, ବ୍ଲକ୍ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର, ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ସରପଂଚ କ୍ରାନ୍ତିକୁମାରୀ ଦେବୀ, ଚିତ୍ତ ରଞ୍ଜନ ବିଷୋୟୀ, ଜନପ୍ରତିନିଧି, ଛାତ୍ରଛାତ୍ରୀ ସ୍ୱାଗତ କରିଥିଲେ । କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟଠାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ରଙ୍ଗେଇଲୁଣ୍ଡା ବ୍ଲକ୍‌ରେ ବିଡ଼ିଓ ବିଶ୍ୱଜିତ ରାୟ, ତହସିଲଦାର ମନୋଜ କୁଜୁରୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଏସ୍. ରାଜେଶ୍ୱରୀ ଦୋରା, ଜନପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ରଛାତ୍ରୀ ଓ ବହୁସଂଖ୍ୟକ ଜନସାଧାରଣ ଅହିଂସା ରଥକୁ ସ୍ୱାଗତ କରିଥିଲେ । ଗୋପାଳପୁରଠାରେ ସହରାଂଚଳ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା, ଜନପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଛାତ୍ରଛାତ୍ରୀ ଓ ବହୁସଂଖ୍ୟକ ଜନସାଧାରଣ ଅହିଂସା ରଥକୁ ସ୍ୱାଗତ କରିଥିଲେ । ଉଭୟ ସ୍ଥାନରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ବୁଲୁଛି ଖଣ୍ଡା ଗଡୁଚି ମୁଣ୍ଡ : ଅପରାଧି ବୁଲୁଚି ଖୁଲମ୍ ଖୋଲା

ବଲାଙ୍ଗୀର ,୨୬/୦୯ (ନି.ପ୍ର): ବଲାଙ୍ଗୀର ସହର କ୍ରାଇମ୍ କ୍ୟାପିଟାଲ, କ୍ରାଇମ୍ ହବ ଯାହା କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ । ହତ୍ୟା, ଚୋରି, ଡକାୟତି, ଧର୍ଷଣ ସମସ୍ତ ଅମାନବୀୟ ଘଟଣା ପୋଲିସ ର ନିଷ୍କ୍ରିୟତା ଯୋଗୁଁ ଘଟି ଯାଉଛି । ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ କରିବାରେ ବଲାଙ୍ଗୀର ପୋଲିସ ଫେଲ ମାରିଛି । ସହରରେ ଦିନକୁଦିନ ବାରମ୍ବାର ଅପରାଧ,ଗୁଣ୍ଡାରାଜ୍ ବଢ଼ି ଚାଲିଥିବା ବେଳେ ,କିଛିଟା ଅପରାଧୀ ଙ୍କୁ ଧରି ସାମ୍ବାଦିକ ଙ୍କୁ ଡାକି ବାହା ବାହା ନେଉଛି । ଏକଦା ବଲାଙ୍ଗୀର ଜିଲ୍ଲା ଶାନ୍ତି ରେ ଥିବା ବେଳେ ବର୍ତ୍ତମାନ ର ଥାନା ଅଧିକାରୀ ଏବଂ ଆରକ୍ଷୀ ଅଧିକ୍ଷକ ଙ୍କ ନିଷ୍କ୍ରିୟତା ଯୋଗୁ ବଲାଙ୍ଗୀର ସହର ଅଶାନ୍ତ ସହରରେ ପରିଣତ ହୋଇଥିବା ବିଷୟ ହାଟ ରେ ବାଟରେ ଚର୍ଚ୍ଚା ହେଉଛି । ବଲାଙ୍ଗୀର ପୋଲିସ କୁ ଅପରାଧୀ ଗୋଷ୍ଠି ମାନ ଖୁଲମଖୁଲା ଚ୍ୟାଲେଞ୍ଜ କରୁଥିବା ବେଳେ ଅପରାଧି ଦମନ ଦିଗରେ ନିଷ୍କ୍ରିୟତା ପୋଲିସ ପ୍ରତି ଲଜ୍ଜ୍ୟା ର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଏଦିଗରେ ପଦକ୍ଷେପ୍ ନେବାକୁ ଉଦବେଗ ପ୍ରକାଶ କରିବା ସହିତ ଜିଲ୍ଲା ନାଗରିକ କମିଟି ଏ ମଧ୍ୟରେ ଦାବି ଉପସ୍ଥାପନ କରିଥିଲେ । ସଦ୍ୟତମ ୨୪ ତାରିଖ ଗତକାଲି ସନ୍ଧ୍ୟାରେ ବଲାଙ୍ଗିର ରାଜିବ ନଗର ବିଜାଖମନ ଠାରେ ପୁଣି ଗୋଟିଏ ମୁଣ୍ଡ ଗଡିଛି । ବଲାଙ୍ଗିର ମୁନିସିପାଲଟି ରେ କାମ କରୁଥିବା ଜଣେ ମହିଳା କର୍ମଚାରୀ କୁ ଗତ ସଂଖ୍ୟାରେ ନିର୍ମମ ଭବରେ ହତ୍ୟା କରାଯାଇଛି । ସବୁଦିନ ମହିଳା ଡ୍ରାଇଭର୍ ସଫାଇ କର୍ମଚାରୀ ଅଷ୍ଟମୀ ବଲୁଳ (୪୦) ମଇଳା ଗାଡ଼ି ନେଇ ଫେରୁଥିବା ସେଠାରେ ଯାଇ ନିଜ ସାଇକେଲ ରେ ଫେରୁଥିବା ବେଳେ ଏହି ଅଞ୍ଚଳରେ ତାଙ୍କର ମୃତଦେହ ମିଳିଛି । ପାଖରେ ସାଇକେଲ ପଡ଼ିଚି ।ତାଙ୍କ ମୁଣ୍ଡରେ ଆଘାତ ହୋଇଥିବା ବେଳେ ତାଙ୍କ ଶାରିର ବିଭିନ୍ନ ସ୍ଥନରେ କ୍ଷତ ଚିହ୍ନ ରହିଛି । ଗତକାଲି ସନ୍ଧ୍ୟା ୬.୧୫ ପରେ ମୋବାଇଲ କାମ କରିବା ବନ୍ଦ କରିଦେଇଥିଲା । ଶେଷରେ ସେ କଥା ହେଲାବେଳେ ନିଜକୁ ଛାଡି ଦେବାକୁ କାକୁତିମନତି ରୁ ଜଣାଯାଇଛି ଯେ ତାଙ୍କୁ ଆକ୍ରମଣ କରି ହତ୍ୟା କରାଯାଇଛି । ପୋଲିସ ଘଟଣାସ୍ଥଳରେ ଯାଇ ତଦନ୍ତ କରୁଥିବାବେଳେ ଘଟଣା ର କାରଣ ଓ ଏସମ୍ପର୍କରେ ଜାଣିବାକୁ ଉଦ୍ୟମ କରୁଛି । ପୂର୍ବଦିନ ରାତିରେ ଏହି ରାଜିବ ନଗର ଅଞ୍ଚଳରେ ଦୁଇଜଣ ଅଧ୍ୟାପକ ଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା ଏଦିଗରେ ପୁଲିସ କାର୍ଯ୍ୟାନୁଷ୍ଠାନ ଆଗରୁ ପୁଣି ଏକ ହତ୍ୟା ଘଟଣା ସହର ମଧ୍ୟରେ ଆତଙ୍କ ବାତାବରଣ ସୃଷ୍ଟି ହୋଇଛି ।

ଫୁଲବାଣୀ ରୋଟାରୀ କ୍ଲବ ପକ୍ଷରୁ ଛାତ୍ରଛାତ୍ରୀ ପୁରସ୍କୃତ

କନ୍ଧମାଳ ,୨୬/୦୯ (ନି.ପ୍ର): ରବିବାରଫୁଲବାଣୀ ରୋଟାରୀ କ୍ଲବ ପକ୍ଷରୁ କ୍ଲବ ର ସମ୍ମିଳନୀ କକ୍ଷ ଠାରେସ୍କୁଲ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ବେସିକ ଏଜୁକେସନ ଉପରେ ହୋଇଥିବା ଏକ ପ୍ରତିଯୋଗୀତା ର କୃତି ଛାତ୍ରଛାତ୍ରୀ ଙ୍କୁମାନପତ୍ର, କପ, ଅର୍ଥ ରାଶି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା । ରୋଟାରୀ କ୍ଲବ ପକ୍ଷରୁ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସଭାପତି ତଥା ବରିଷ୍ଠ ଆଇନଜୀବୀ ହରିଶ୍ଚନ୍ଦ୍ର ମହାରଣା ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ପ୍ରେସ କ୍ଲବ ସଭାପତି ସୁନୀଲ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ସମ୍ପାଦକ ତଥା ବରିଷ୍ଠ ଶିକ୍ଷାବିତ ମନରଞ୍ଜନ ପଟ୍ଟନାୟକ, ଓ ମୁଖ୍ୟ ବକ୍ତା ଭାବେ ପ୍ରତିଷ୍ଠାତା ସଦସ୍ୟ ତଥା ବରିଷ୍ଠ ସମାଜସେବୀ ବିପ୍ର ଚରଣ ପାତ୍ର,ଯୋଗ ଦେଇ ଦୀର୍ଘ ଚାଳିଶ ରୁ ଉର୍ଧ୍ୱ ବର୍ଷ ଧରି ରୋଟାରୀ କ୍ଲବ କିପରି ସମାଜ ସେବାରେ ନିଜକୁ ସା ମିଲ କରି ପାରିଛି ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ, ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶସୁରକ୍ଷା ଦିଗରେ ରୋଟାରୀ କ୍ଲବ ଉଲ୍ଲେଖନୀୟ କାର୍ଯ୍ୟ କରି ବେଶ ପ୍ରସଂଶିତ ମଧ୍ୟ ହୋଇଛି। ଅନ୍ୟ ମାନଙ୍କ ମଧ୍ୟରେ କର୍ମେଲ ସ୍କୁଲ ଅଧ୍ୟକ୍ଷ ଓ ଶିଶୁ ବିଦ୍ୟାମନ୍ଦିର ପ୍ରଧାନଚାର୍ଯ୍ୟ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣ ର ବିକାଶ ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରୀଆନ ରବି ନାରାୟଣ ସୁବୁଦ୍ଧି,ପାବନ କୁମାର ଅଗ୍ରୱାଲ, କେ. ଜ୍ଞାନ ଦୋରା, ପଦ୍ମ ଚରଣ ସ୍ୱାଇଁ, ଦେବେନ୍ଦ୍ର ପାତ୍ର, କୁନ୍ଦନ ସିଂହ, ପ୍ରକାଶ କୁମାର ପଣ୍ଡା, ପ୍ରସନ୍ନ ପଣ୍ଡା, ଶ୍ରୀମତୀ ବିରାଜିନୀ ମହାପାତ୍ର, ଡି. ଅରୁଣା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। କାରମେଲ ଇଂରାଜୀ ମିଡ଼ିଅମ ସ୍କୁଲ, ପବ୍ଲିକ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପଚାଶ ଜଣ ଛାତ୍ର, ଛାତ୍ରୀ ଏହି ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିଲେ।

ତୁଳସୀ ସଂସ୍କୃତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ

କେନ୍ଦ୍ରାପଡ଼ା,୨୬/୦୯ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର କୁହୁଡ଼ି ଫଂଚାୟତର ତୁଳସୀ ସଂସ୍କୃତ ମହା ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହା ବିଦ୍ୟାଳୟର ପୋଗ୍ରାମ ଅଫିସର ହେମନ୍ତ କୁମାର ପତି ସଭାପତିତ୍ୱ କରିଥିବାବେଳେ ଅଧ୍ୟକ୍ଷ ସୁକାନ୍ତ କୁମାର ଦାସ, ଜାତୀୟ ସେବା ଯୋଜନା ଦିବସ ଓ ବୃକ୍ଷରୋପଣ, ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ ପ୍ରଭୃତି ବିଷୟରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ କିଶୋର ଚନ୍ଦ୍ର ଜେନା ସୌଭାଗ୍ୟ ଚନ୍ଦ୍ର ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ଆଚାର୍ଯ୍ୟ, ଅଧ୍ୟାପିକା ରଜନୀଗନ୍ଧା ମିଶ୍ର, ବବିତାରାଣୀ ନାୟକ, ଶୋଭାରାଣୀ ଦାସଙ୍କ ସହ ମହା ବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ଯାଦବ ସଂଘର କାର୍ଯ୍ୟକାରିଣୀ ବୈଠକ

କେନ୍ଦ୍ରାପଡ଼ା,୨୬/୦୯ (ନି.ପ୍ର): ଜିଲ୍ଲା ଯାଦବ ସଂଘର କାର୍ଯ୍ୟକାରିଣୀ ବୈଠକ ତିନିମୁହାଣୀ ସ୍ଥିତ ରାମମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ପ୍ରଭାରୀ ଗୀତାଞ୍ଜଳୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନଗଣନା ଚାଲୁଥିବା କାର୍ଯ୍ୟକ୍ରମକୁ ସମୀକ୍ଷା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ ଦାସ, ମିତ୍ରଭାନୁ ମହାକୁଳ, କାର୍ଯ୍ୟକାରୀ ସଭାପତି ବିଜୟ ପରିଡ଼ା, ସାଧାରଣ ସମ୍ପାଦକ ପ୍ରଭାକର ପଲାଇ, ଉପ ସଭାପତି ଚିନ୍ମୟ ଦାସ, ମନୋଜ କୁମାର ପରିଡ଼ା, ଧିରେନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ହୋଇ ଆଗାମୀ ଦିନରେ ସଂଗଠନ କିପରି ସୁଦୃଢ଼ ହେବ ସେଥିପାଇଁ ଫଂଚାୟତ ବ୍ଲକ ସ୍ତରୀୟ କମିଟି ଗଠନ କରାଯିବାକୁ ନିଷ୍ପତି ନିଆଯାଇଛି।

ସ୍ୱାଧିନତାର ଉଚ୍ଛ୍ୱାସ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର,୨୬/୦୯ (ନି.ପ୍ର): ସ୍ୱାଧିନତାର ୭୫ ବର୍ଷ ପୁର୍ତି ପାଳନ ଅବସରରେ ସ୍ୱାଧିନତାର ଉଚ୍ଛ୍ୱାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୟପୁର ପୌରାଂଚଳର ଡେପଗୁଡା ଠାରେ ଥିବା ଏମଏସି ସେଂଟରରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମକୁ ଏସବିଏ କମିଟି ଆୟୋଜନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ପ୍ରଧାନ, ଉପାଧ୍ୟକ୍ଷ ବି ସୁନିତା ସହ କାଉନସିଲର ମାନେ ଉପସ୍ଥିତ ଥିଲେ । ଏଠାରେ ନାଚ, ଗୀତ ବକ୍ତୃତା, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା ।

ସ୍ୱାସ୍ଥ୍ୟବୀମା କାର୍ଡରେ ତ୍ରୁଟି ଯୋଗୁଁ ଚିକିତ୍ସାରୁ ବଂଚିତ ବାଧି

ଧର୍ମଶାଳା,୨୬/୦୯ (ନି.ପ୍ର): ଯାଜପୁର ଜିଲା ବଡଚଣା ବ୍ଲକ ସମିଆଁ ଫଂଚାୟତ ଦେହୁରୀଆଗଡା ଗ୍ରାମର ବୃଦ୍ଧ ବାଧି ନାୟକଙ୍କ ବୟସ ୭୦ ଉପରେ । ଏହି ବୃଦ୍ଧ ବୟସରେ ଚିକିତ୍ସାର ଆବଶ୍ୟକତା ରହିଛି । ସେ ଜଣେ ଗରୀବ ଅସହାୟ ମଣିଷ ହୋଇଥିବା ବେଳେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଛଟପଟ ହେଉଛନ୍ତି । ସ୍ୱାସ୍ଥ୍ୟବୀମା କାର୍ଡରେ ନାମଗତ ତ୍ରୁଟି ଯୋଗୁଁ ସେ ଚକିତ୍ସା ପାଇ ପାରୁ ନାହାନ୍ତି । ଫଳରେ ଭାଗ୍ୟ ଆଦରି ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ଦେହୁରୀଆଗଡା ଗ୍ରାମରେ ବାଧି ପତ୍ନୀ ଉର୍ମିଳାଙ୍କ ସହିତ ରହୁଥିବା ବେଳେ ପୁଅ ବୋହୂ ବାହାରେ ରହୁଛନ୍ତି । ସରକାରୀ ସୁବିଧାଭାବେ ବାଧିଙ୍କୁ ୨୦ କେଜି ଚାଉଳ ଓ ଉଭୟ ବୃଦ୍ଧ/ବୃଦ୍ଧାଙ୍କୁ ୧ହଜାର ଟଙ୍କା ଭର୍ତା ଟଙ୍କା ମିଳୁଛି । ଏହା ଛଡା ତାଙ୍କର ଆହୁ କିଛି ରୋଜଗାର ନାହିଁ । ବାଧି କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ଚିକିତ୍ସା ପାଇଁ ପତ୍ନୀ ଉର୍ମିଳା ସାହି ପଡିଶାରୁ ଧାରକରଜ କରି ୨ ଥର କଟକ ବଡ ମେଡିକାଲକୁ ନେଇ ଚିକିତ୍ସା କରାଇଥିଲେ । ବାଧିଙ୍କର ଅସ୍ତ୍ରୋପଚାର ଜରୁରୀ ଥିବା ଡାକ୍ତର ପରାମର୍ଶ ଦେଇଥିଲେ । ଏହି ଅସ୍ତ୍ରୋପଚାର ପାଇଁ ଅଧିକ ଅର୍ଥର ଆବଶ୍ୟକତା ରହିଛି । ଚିକିତ୍ସା ପାଇ

ଆନ୍ତର୍ଜାତିକ ଶାନ୍ତି...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଆସୁରିକ ଗୁଣ ଓ ସ୍ୱର୍ଗୀୟ ଗୁଣ ମଧ୍ୟ ଜନ୍ମଗତ ପ୍ରାପ୍ତ । କିନ୍ତୁ ପରିବେଶ ଓ ପରିସ୍ଥିତିର ଚାପରେ ତାର ଗୁଣ ମଧ୍ୟ ଅନେକାଂଶରେ ପରିବର୍ତ୍ତିତ ହୋଇଥାଏ । ଗଣତାନ୍ତ୍ରିକ ପଦ୍ଧତିରେ ,ଜାତି ଧର୍ମ ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ, ଶାନ୍ତି ପ୍ରତିଷ୍ଠା ନିମନ୍ତେ ଏକ ଉତମ ମାର୍ଗ । ଶାନ୍ତି ପ୍ରତିଷ୍ଠା ନିମନ୍ତେ ସର୍ବୋତ୍କୃଷ୍ଟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ୧୯୦୧ ମସିହାରେ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ନିମନ୍ତେ ବ୍ୟବସ୍ଥା କରାଯାଇଥିଲା । ୨୦୦୮ ମସିହାରେ ଆଇସଲ୍ୟାଣ୍ଡକୁ ସର୍ବଶ୍ରେଷ୍ଠ ଶାନ୍ତିକାମୀ ରାଷ୍ଟ୍ର ରୂପେ ଘୋଷଣା କରା ଯାଇଥିଲା ଏବଂ ଅଦ୍ୟାବଧି ତାହା ବଜାୟ ରହିଅଛି । ଆଜି ବିଶ୍ୱରେ ଆତଙ୍କବାଦ ଏକ କରାଳ ରୂପରେ ଉଦ୍ଭାସିତ । ହିଂସା କେବେବି ଶାନ୍ତି ପ୍ରତିଷ୍ଠା ଦିଗରେ ସହାୟକ ହୋଇ ପାରିବ ନାହିଁ । ଆଜି ଆଫଗାନିସ୍ଥାନ, ୟୁକ୍ରେନର ବିଭିଷିକାମୟ ରକ୍ତରଂଜିତ ଅଧ୍ୟାୟ ଏବଂ ସେଠାକାର ଅଧିବାସୀ ମାନଙ୍କର ଜୀବନ ଓ ଅଧିକାର ଭିକ୍ଷା ନିମନ୍ତେ କରୁଣ ଆର୍ତଚିତ୍କାର, ଯେକୌଣସି କଠୋର ବ୍ୟକ୍ତିର ହୃଦୟକୁ ଦୋହଲାଇ ଦେବ, ଏଥିରେ ସନ୍ଦେହ ନାହିଁ । ତେଣୁ ଆଜି ସମସ୍ତେ ଶପଥ ନେବା, ନିଜର ସ୍ୱର୍ଗୀୟ ମାନବିକତା ଗୁଣର ପ୍ରୟୋଗରେ,ଏ ସମାଜରେ ଶାନ୍ତି ପ୍ରତିଷ୍ଠା କରିବା ତଥା ହିଂସ୍ରତା ଆଚରଣ କରୁଥିବା ବ୍ୟକ୍ତି ବିଶେଷ ତଥା ରାଷ୍ଟ୍ର ମୂଖ୍ୟ ମାନଙ୍କ ଉପରେ ନୈତିକ ଚାପ ପକାଇ ଏତାଦୃଶ କାର୍ଯ୍ୟରୁ ନିବୃତ କରାଇ, ଆଜି "ବିଶ୍ୱ ଶାନ୍ତି ଦିବସ"ର ସାର୍ଥକତା ପ୍ରତିପାଦନ କରିବା ।

+ଶିକ୍ଷାବିତ୍, ଈଶାଣୀବ୍ରହ୍ମପୁର,କଟକ ।
ମୋ-୬୩୭୧୫୯୩୨୨୦

ରାଜ୍ୟରେ ନୂଆ ୧୬୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୬/୦୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୬୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୩୩୩୨ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୧୬୪ ଆକ୍ରାନ୍ତଙ୍କ ମଧ୍ୟରୁ ୯୬ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୬୮ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୨୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୧୪୫ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୨୬୪୯ ରେ ପହଂଚିଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୪୩୯ ରହିଛି । ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୧୬୪ ସଂକ୍ରମିତଙ୍କ ମଧ୍ୟରୁ ଅନୁଗୁଳ ଜିଲ୍ଲାରେ ୧, ବାଲେଶ୍ୱର ଜିଲ୍ଲାରେ ୮, ବରଗଡ଼ ଜିଲ୍ଲାରେ ୨, ଭଦ୍ରକ ଜିଲ୍ଲାରେ ୧, ବଲାଙ୍ଗିର ଜିଲ୍ଲାରେ ୧, ବୌଦ୍ଧ ଜିଲ୍ଲାରେ ୫, କଟକ ଜିଲ୍ଲାରେ ୧୧, ଦେବଗଡ଼ ଜିଲ୍ଲାରେ ୨, ଢେଙ୍କାନାଳ ଜିଲ୍ଲାରେ ୨, ଗଜପତି ଜିଲ୍ଲାରେ ୩, ଯାଜପୁର ଜିଲ୍ଲାରେ ୬, ଝାରସୁଗୁଡ଼ା ଜିଲ୍ଲାରେ ୧, କଳାହାଣ୍ଡି ଜିଲ୍ଲାରେ ୧, କେନ୍ଦ୍ରାପଡ଼ା ଜିଲ୍ଲାରେ ୩ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ହେଲିକପ୍ଟର କ୍ରାଶ : ୨ ମେଜରଙ୍କ....

ମହମ୍ମଦ ମୁନୀବ ଅଫଜଲ, ସୁବେଦାର ଅବଦୁଲ ୱାହିଦ, ସିପାହୀ ମହମ୍ମଦ ଇମରାନ, ନାଏକ ଜାଲିଲ ଓ ସିପାହୀ ସୋହେବ । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ହେଲିକପ୍ଟରଟି ସଂପୂର୍ଣ୍ଣ ଭାବେ ଜଳି ଯାଇଛି । ସେହିପରି ଘଟଣାସ୍ଥଳରେ ହିଁ ୬ ସେନା କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା । ଅଗଷ୍ଟ ମାସରେ ମଧ୍ୟରେ ପାକିସ୍ତାନର ଗୋଟିଏ ସେନା ହେଲିକପ୍ଟର ନିଖୋଜ ହୋଇଯାଇଥିଲା । ଏହାର ଦିନକ ପରେ ପାହାଡ଼ିଆ ଅଞ୍ଚଳରେ ହେଲିକପ୍ଟରଟି କ୍ରାଶ ହୋଇଯାଇଥିବା ଜଣାପଡ଼ିଛି । ଏଥିରେ ମଧ୍ୟ ୬ ଜଣ ସେନା କର୍ମଚାରୀ ପ୍ରାଣ ହରାଇଥିଲେ ।

ଅକ୍ଟୋବର ପହିଲାରୁ ....

କୋରାପୁଟ, ରାୟଗଡା, କନ୍ଧମାଳ, କଳାହାଣ୍ଡି, ସୁନ୍ଦରଗଡ, କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ବିଜୁଳି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୨୭ରୁ ୨୮ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, କେନ୍ଦୁଝର , ମୟୁରଭଂଜ. ଢେଙ୍କାନାଳ, କନ୍ଧମାଳ ରାୟଗଡା, କୋରାପୁଟ, ମାଲକାନଗିରି ଓ ଅନୁଗୁଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ବିଜୁଳି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

ଏନସାଇକ୍ଲୋପିଡିଆ ଅଫ ଟ୍ରାଇବସ୍ ....

ଜାଣିବାକୁ ଇଚ୍ଛୁକ, ଗବେଷକ ଓ ଶିକ୍ଷାବିତ୍‌ଙ୍କ ପାଇଁ ଏହା ସହାୟକ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ଏହି ଏନସାଇକ୍ଲୋପିଡିଆରେ ପ୍ରକାଶିତ ୪୧୮ ସ୍ତମ୍ଭ ପୂର୍ବରୁ ଆଦିବାସୀ ପତ୍ରିକା ଓ ଅନ୍ୟାନ୍ୟ ମାଗାଜିନରେ ପ୍ରକାଶିତ ହୋଇଥିଲା । ରାଜ୍ୟ ଜାତି ଓ ଜନଜାତି ସଂଗ୍ରହାଳୟ ପରିଦର୍ଶନ କରି ଆଜି ବହି ଗୁଡିକ ଉନ୍ମୋଚିତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା , ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଆର ବାଲକ୍ରିଷ୍ଣନ୍ ,ବିଭାଗୀୟ ଶାସନ ସଚିବ ଶ୍ୱାଶତ ମିଶ୍ର ଏବଂ ଏସସିଏସଟିଆରଟିଆଇ ନିର୍ଦ୍ଦେଶକ ପ୍ରଫେସର ଏବି ଓଡା ପ୍ରମୁଖ ଉପସ୍ଥିତ ଥିଲେ ।

ପୀତାମ୍ବରୀର ପୀଠରେ ମାଆଙ୍କ ନବରାତ୍ର ପୂଜା

ବାଲେଶ୍ୱର,୨୬/୦୯ (ନି.ପ୍ର): ଦୁର୍ଗତି ନାଶିନୀ ମାଆ ଦୁର୍ଗାଙ୍କର ଶାରଦୀୟ ପୂଜା ଅବସରରେ ପ୍ରତିପଦ ତିଥିଠାରୁ ବିଭିନ୍ନ ଶକ୍ତିପୀଠାରେ ଆରମ୍ଭ ହୋଇଛି ନବରାତ୍ର ପୂଜା । ପ୍ରାତଃକାଳରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶ୍ରଦ୍ଧା ଓ ନିଷ୍ଠାର ସହିତ ଚାଲିଛି ମାଆଙ୍କ ପୂଜାର୍ଚ୍ଚନା । ବ୍ରତଧାରୀମାନେ ଭକ୍ତିର ସହ କରୁଛନ୍ତି ମା'ଙ୍କର ଆରଧନା । ଏହିକ୍ରମରେ ବାଲେଶ୍ୱର ସହର ଉପକଣ୍ଠ ତାମୁଳିଆ ସ୍ଥିତ ଶ୍ରୀ ଶ୍ରୀ ପୀତାମ୍ବରୀ ସିଦ୍ଧ ମହାଶକ୍ତି ପୀଠରେ ରୀତିନୀତି ଅନୁସାରେ ନବରାତ୍ର ପୂଜା ଆରମ୍ଭ ହୋଇଛି । ପ୍ରାତଃରେ ପଞ୍ଚ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଘଟ ଓ ମଣ୍ଡଳ ସ୍ଥାପନ ସହ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଥିଲା । ସେହିପରି ସଂଧ୍ୟାରେ ସପ୍ତସତୀ ଚଣ୍ଡିପାଠ ଓ ରାତିରେ ୧୦୮ ଆହୁତି ଆଦି କର୍ମକାଣ୍ଡ ମାଧ୍ୟମରେ ପ୍ରଥମ ଦିନରେ ପୀଠର ଅଧିଷ୍ଠାତ୍ରୀ ମା' ବଗଳାମୁଖୀଙ୍କର ପୂଜାର୍ଚ୍ଚନା କରାଯାଇଛି । ପଣ୍ଡିତଙ୍କ ବେଦମନ୍ତ୍ରରେ ସମଗ୍ର ପରିବେଶ ହୋଇ ଉଠିଥିଲା ମନ୍ତ୍ରମୟ । ମାଆଙ୍କର ନବଶକ୍ତିକୁ ଶ୍ରଦ୍ଧାର ସହ ଆହ୍ୱାନ ପୂର୍ବକ ଏଠାରେ ପୂଜା କରାଯାଉଛି । ପ୍ରଥମ ଦିନରେ ମା' ବଗଳାମୁଖୀଙ୍କୁ ଶୈଳପୁତ୍ରୀ ସ୍ୱରୂପରେ ପୂଜା କରାଯାଇଥିବା ବେଳେ ଦ୍ୱିତୀୟ ଦିନରେ ବ୍ରହ୍ମଚାରିଣୀ, ତୃତୀୟ ଦିନରେ ଚନ୍ଦ୍ରଘଣ୍ଟା, ଚତୁର୍ଥ ଦିନରେ କୁଷ୍ମାଣ୍ଡା, ପଞ୍ଚମ ଦିନରେ ସ୍କନ୍ଦମାତା, ଷଷ୍ଠରେ ମା' କାତ୍ୟାୟନୀ, ସପ୍ତମରେ ମା' କାଳରାତ୍ରି, ଅଷ୍ଟମରେ ମହାଗୌରୀ ଏବଂ ନବମ ଦିବସରେ ଆଦିଶକ୍ତି 'ସିଦ୍ଧିଦାତ୍ରୀ' ସ୍ୱରୂପରେ ମା'ଙ୍କୁ ଅର୍ଚ୍ଚନ କରାଯିବ ବୋଲି ପୀତାମ୍ବରୀ ମହା ଶକ୍ତିପୀଠ ପକ୍ଷରୁ ସୂଚନା ଦିଆଯାଇଛି ।

ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତସଙ୍ଗ ଅନୁଷ୍ଠିତ

ବାରିପଦା,୨୬/୦୯ (ନି.ପ୍ର): ମରୋଡା ବ୍ଲକ ଅନ୍ତର୍ଗତ ପାଂଚଭାୟା ଉପଯୋଜନା କେନ୍ଦ୍ର ଆନୁକୂଲ୍ୟରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୫ ତମ ଜନ୍ମ ଜୟନ୍ତୀ ପାଳିତ ହୋଇ ଯାଇଛି । ଏହି ଅବସର ରେ ସହ ପ୍ରତି ଋତ୍ୱିକ ସ୍ୱର୍ଗତ ଗୌରୀଶଙ୍କର ହାତୀଙ୍କର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା । ରାଜ୍ୟ କଳା ସଂକୀର୍ତନ ଗାୟକ ଶରତ ଦାସ ସତସଙ୍ଗରେ ପୌରହିତ୍ୟ କରିଥିବା ବେଳେ, ଜୟନ୍ତ କୁମାର ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ନିତିବାଣି ବିଷୟରେ ଆଲୋଚନା କରିଥିଲେ । ବହୁ ସତସଙ୍ଗୀ ଏହି ଅବସର ରେ ଯୋଗ ଦେଇଥିବା ବେଳେ, ପୁଲବାଡିଆ ମାତୃ ମଣ୍ଡଳୀ, ଓ ସଂକୀର୍ତନ ମଣ୍ଡଳି ଭଜନ ସଂକୀର୍ତନ ପରିବେଷଣ କରିଥିଲେ ।

ଜାତୀୟ ମାନବାଧିକାର ସାମୁଖ୍ୟ ସଂଗଠନ ପକ୍ଷରୁ ଭଦ୍ରକରେ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ

ଭଦ୍ରକ,୨୬/୦୯ (ନି.ପ୍ର): ଜାତୀୟ ମାନବ ଅଧିକାର ସଂଗଠନ ପକ୍ଷରୁ ଆଜି ଭଦ୍ରକ ଜିଲ୍ଲା ର ସଦର ମହକୁମା ସ୍ଥିତ ଲୋକନାଥ ମନ୍ଦିର ପରିସରରେ ଏକ ଜିଲ୍ଲା ସ୍ତରୀୟ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ସବୁକ୍ଷେତ୍ରରେ ମାନବାଧିକାର ଉଲଂଘନ ହେଉଥିବାରୁ ଏହା ଉପରେ ସଂଗଠନ ର କାର୍ଯ୍ୟ ଶାଣିତ ହେବ ବୋଲି ସମସ୍ତେ ମତ ପ୍ରକାଶ କରିଛନ୍ତି ।ମାନବାଧିକାର କର୍ମୀ ଟି ବହୁରୂପୀ ଭୂମିକା ନିର୍ବାହ କରିବା ସହିତ ବହୁଗୁଣ ସମ୍ପର୍ଣ୍ଣା ହେବା ଦରକାର ।ନିଜର ଅଧିକାର ଜାହିର କରିବା ଅର୍ଥ ମାନବ ଅଧିକାର,ଏହା ସମସ୍ତେ ଜାଣିବା ଦରକାର ।ଏଭଳି ବହୁ ଉପାଦେୟ ତଥ୍ୟ ଆଜିର ଉପସ୍ଥାପନ କରାଯାଇଥିଲା । ସଂଗଠନ ର ଭଦ୍ରକ ଜିଲ୍ଲା ଆବାହକ ନିର୍ମଳ ଚନ୍ଦ୍ର ସ୍ୱାଇଁ ଙ୍କ ଆବାହକତ୍ୱ ରେ ଅନୁଷ୍ଠିତ ବୈଠକରେ ସଂଗଠନ ର ଅଧକ୍ଷ ରମେଶ ଭାରତୀ,ରାଷ୍ଟ୍ରୀୟ ଉପସଭାପତି ତପନ କୁମାର ପତି, ରାଜ୍ୟ ସଂଯୋଜକ ତଥା ଜୋନ-୧ ର ପ୍ରଭାରୀ ସତ୍ୟଜିତ୍ ସାମନ୍ତରାୟ, ବାଲେଶ୍ୱର ଜିଲ୍ଲା ସଂଯୋଜକ କାହ୍ନୁ ପାକଳ ପ୍ରମୁଖ ଯୋଗ ଦେଇଥିଲେ ।ଏହି ଅବସରରେ ସର୍ବସମ୍ମତି କ୍ରମେ ଭଦ୍ରକ ଜିଲ୍ଲା ଟିମ୍ ଘୋଷଣା କରାଯାଇଥିଲା ।ସେମାନେ ହେଲେ ନିର୍ମଳ ଚନ୍ଦ୍ର ସ୍ୱାଇଁ-ଜିଲ୍ଲା ସଭାପତି, ଧିରେନ୍ଦ୍ର ନାରାୟଣ ପଣ୍ଡା-ଜିଲ୍ଲା ଉପସଭାପତି, ସୁବଳ ଚନ୍ଦ୍ର ପତ୍ରୀ-ଜିଲ୍ଲା ସମ୍ପାଦକ, ଜିଲ୍ଲା ସଂଯୋଜକ ଭାବେ ଆଇନଜୀବୀ ରାଖାଲ ଚନ୍ଦ୍ର ସ୍ୱାଇଁ, ଆଇନଜୀବୀ ଉପେନ୍ଦ୍ର କୁମାର ରାଉଳ ଓ ଖିରୋଦ କୁମାର ସେଠୀ, ଧାମନଗର ବ୍ଲକ ସଂଯୋଜକ ଭାବେ ରମେଶ ଚନ୍ଦ୍ର ଦାସ ଓ ସହ ସଯୋଜକ ଶୁଭମ୍ କୁମାର ଦାସ ମନୋନୀତ ହୋଇଥିଲା ବେଳେ ବରିଷ୍ଠ ସାମ୍ବାଦିକ ଶୈଳେନ୍ଦ୍ର କୁମାର ପଲେଇ ଓ ଜ୍ଞାନ ପ୍ରକାଶ ପାଣି ଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି ।ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ଆଇନଜୀବୀ ଉପେନ୍ଦ୍ର କୁମାର ରାଉଳ ।

ଅଲ ଓଡ଼ିଶା ଲୋୟାର ଏସୋସିଏସନର ବୈଠକ

ବାରିପଦା,୨୬/୦୯ (ନି.ପ୍ର): ଅଲ ଓଡ଼ିଶା ଲୋୟାର ଏସୋସିଏସନର ଏକ କାର୍ଯ୍ୟକାରିଣୀ ବୈଠକ ବାରିପଦା ହୋଟେଲ ସ୍ୱସ୍ତିକର ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲା ଓକିଲ ସଂଘର ସହଯୋଗରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ଓ ରାଜ୍ୟର ସଂଘ କର୍ମକର୍ତା ମାନେ ଯୋଗ ଦେଇ ଆଗାମୀ ରାଜ୍ୟସ୍ତରୀୟ ସମ୍ମିଳନୀ ନେଇ ବୈଠକରେ ଆଲୋଚନା କରିଥିଲେ । ଜିଲ୍ଲା ଓକିଲ ସଂଘର ସଭାପତି ପ୍ରଦୀପ କୁମାର ରଥଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଭାପତି ଗୋପାଳକୃଷ୍ଣ ମହାନ୍ତି ଏବଂ ଅନ୍ୟ ପ୍ରମୁଖ କର୍ମକର୍ତା ମାନେ ଯୋଗଦେଇ ଅଲ ଓଡ଼ିଶା ଲୟାର ଏସୋସିଏସନର ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କର୍ମକର୍ତା ସମ୍ମିଳନୀ ଏଥର ବାରିପଦା ଠାରେ ଅନୁଷ୍ଠିତ କରିବା ନେଇ ପ୍ରସ୍ତାବ ଆଗତ କରାଯାଇଛି । ଆଗାମୀ ଡିସେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ରାଜ୍ୟସ୍ତରୀୟ ସମ୍ମିଳନୀକୁ ନେଇ ଜିଲ୍ଲା ଓକିଲ ସଂଘ ସହ ବୈଠକ ଅନୁଷ୍ଠିତହେବା ସହ ବିଭିନ୍ନ କାର୍ଯ୍ୟପନ୍ଥା ନେଇ ବୈଠକରେ ଆଲୋଚନା କରାଯାଇଛି । ବୈଠକରେ ରାଜ୍ୟ ସଂଘର କର୍ମକର୍ତା ମାନଙ୍କ ସହ ଜିଲ୍ଲା ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

୨୮ରେ ବେଙ୍ଗାଲୁରୁରେ ଓଡ଼ିଶା ଇନଭେଷ୍ଟରସ ମିଟ୍ : ଯୋଗଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬/୦୯ (ନି.ପ୍ର): ଆସନ୍ତା ୨୮ ତାରିଖରେ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ଇନଭେଷ୍ଟରସ ମିଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେବେ । ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ ମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଯୋଗ ଦେବେ । ଶିଳ୍ପମନ୍ତ୍ରୀ ପ୍ରତାପ ଦେବ ଏହି ସୂଚନା ଦେଇଛନ୍ତି । ଶିଳ୍ପମନ୍ତ୍ରୀ କହିଛନ୍ତି, ମୁମ୍ବାଇ ଭଳି ବେଙ୍ଗାଲୁରୁରେ ବି ମୁଖ୍ୟମନ୍ତ୍ରୀଙ୍କର ୱାନ୍ ଟୁ ୱାନ୍ ଭେଟିବା କାର୍ଯ୍ୟକ୍ରମ ରହିଛି । ସନ୍ଧ୍ୟାରେ ଓଡ଼ିଶା ଇନଭେଷ୍ଟରସ ମିଟ୍ ହେବ । ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ନିମନ୍ତ୍ରଣ ଦିଆଯିବ । ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ମେକ ଇନ ଓଡ଼ିଶା କନକ୍ଲେଭର ତୃତୀୟ ସଂସ୍କରଣ ଅନୁଷ୍ଠିତ ହେବାକୁ ଯାଉଛି ।

ଚୋରା ଚାଲାଣ ପୂର୍ବରୁ ଧରା ପଡିଲା କୃଷି ଯନ୍ତ୍ରପାତି

ଜଳେଶ୍ୱର, ୨୬/୯(ନି.ପ୍ର): ବିଲରେ ଧାଡି ଧାଡି ଧାନ ରୋଇବା ପରେ ବାଲୁଙ୍ଗା ଘାସ ଉପାଡିବାଲାଗି ବ୍ୟବହୃତ ହେଉଥିବା 'ମାଣ୍ଡୁଆ ଉଇଡର' ଚୋରା ଚାଲାଣ ବେଳେ ଆଜି କେତେକ ସାଧାରଣ ଲୋକେ ଜଳେଶ୍ୱର ତହସିଲଦାରଙ୍କୁ ଜଣାଇବାରୁ ତାହା ଗାଡି ସହ ଜବତ୍ ହୋଇଛି । ଆଜି ପୂର୍ବାହ୍ନରେ ଏକ ଅଶୋକ ଲିଲିଆଣ୍ଡର ଏକ ପିକ୍‌ଅପ୍ ଓଡି୦୫ଏଲ୍-୬୪୧୧ରେ କେତେକ କୃଷି ଯନ୍ତ୍ରପାତି ବୋଝେଇ ହୋଇ ଅନ୍ୟତ୍ର ଯିବାକୁ ଜଳେଶ୍ୱର କୃଷି ଗୋଦାମଘର ସମ୍ମୁଖରେ ଛିଡା ହୋଇଥିଲା । ଏ ସମ୍ପର୍କରେ ସନ୍ଦେହ ହେବାରୁ କେତେକ ବ୍ୟକ୍ତିବିଶେଷ ଜଳେଶ୍ୱର ତହସିଲଦାରଙ୍କୁ ଜଣାଇଥିଲେ । ତହସିଲଦାର ସ୍ମୃତିରଂଜନ ମଲ୍ଲିକ ଘଟଣାସ୍ଥଳକରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । କିନ୍ତୁ ସବିଶେଷ ତଥ୍ୟ ନ ମିଳିବାରୁ ଏହି ପିକ୍‌ଅପ୍‌କୁ ଜବତ୍ କରିଛନ୍ତି । ଏ ସମ୍ପର୍କରେ ବହୁକଥା ଶୁଣିବାକୁ ମିଳୁଥିବା ବେଳେ ଜବତ୍ ଘାସମରା ଯନ୍ତ୍ର (ମାଣ୍ଡୁଆ ଉଇଡର)କୁ ନେବାକୁ ଆସିଥିବା ବ୍ୟକ୍ତି ଜଣକୁ ଅଟକ ରଖାଯାଇଛି । ଏହା ଜଗତ୍ ପୁର ନେଇଯିବାକୁ ଆସିଥିବା ବେଳେ ପଶ୍ଚିମବଂଗକୁ ଚୋରା ଚାଲାଣ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଗୋଷ୍ଠି କୃଷି ଅଧିକାରୀ ସଂଜୟ ରାଉତଙ୍କ ପଚାରିବାରୁ ସେ କହିଲେ ବାଲେଶ୍ୱରରେ ଡେପୁଟି ଡିରେକ୍ଟରଙ୍କ କାର୍ଯ୍ୟାଳୟରେ ଯୋଗ ଦେଇଥିବାରୁ ଏ ସଂପର୍କରେ ସବିଶେଷ ତଥ୍ୟ ନ ଥିବା କହିଛନ୍ତି । ଏଭଳି ଯନ୍ତ୍ରପାତି କୌଣସି ସ୍ଥାନକୁ ପଠାଯିବା ସଂପର୍କରେ କୌଣସି ନିର୍ଦ୍ଦେଶ ନ ଥିବା କହିଛନ୍ତି । ଏହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି ।

ଦକ୍ଷତା ବୃଦ୍ଧି ପାଇଁ ଅଧ୍ୟୟନ ଓ ତାଲିମ ଅପରିହାର୍ଯ୍ୟ : ପଞ୍ଚାନନ ପ୍ରଧାନ

ଉଦଳା,୨୬/୦୯ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ଜନଜାଗୃତି ମଞ୍ଚ' ତରଫରୁ ଖୁଣ୍ଟାସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଆଜି ସେପ୍ଟେମ୍ବର ୨୬ ତାରିଖ ସୋମବାର ଠାରୁ 'ସ୍ୱେଚ୍ଛାସେବି ତାଲିମ ଶିବିର' ଆରମ୍ଭ ହୋଇଛି । ପ୍ରଶିକ୍ଷକ ଭାବରେ ଓଡ଼ିଶା ଶ୍ରମଜୀବି ମଞ୍ଚ

ବାଲେଶ୍ୱର, ମଙ୍ଗଳବାର, ୨୭ ସେପ୍ଟେମ୍ବର, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଓ ଏଡ଼ିଇଓ ମାନଙ୍କ ଦୁଇଦିନିଆ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର,୨୬/୦୯ (ନି.ପ୍ର): ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଓ ଓସେପାର ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟର ସମସ୍ତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ଦୁଇଦିନିଆ ସମ୍ମିଳନୀ ଭୁବନେଶ୍ୱରରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ୨୦୨୨ ମସିହା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ପରୀକ୍ଷାରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ବିଭିନ୍ନ ବର୍ଗର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ସମ୍ବର୍ଦ୍ଧନାର ଉତରରେ କୃତୀ ଛାତ୍ରଛାତ୍ରୀମାନେ ସେମାନଙ୍କ ସଫଳତାର କାହାଣୀ ବର୍ଣ୍ଣନା କରିବା ସହ ଆଗାମୀ ଜୀବନର ଲକ୍ଷ୍ୟ ଓ ଶିକ୍ଷାର ମାନବୃଦ୍ଧି ନେଇ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍. ବିଦ୍ୟାଳୟର ଅଧ୍ୟକ୍ଷ ଏବଂ ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ଗୁଣାତ୍ମକ ଶିକ୍ଷାର ବିକାଶ ଦିଗରେ ଧ୍ୟାନ ଦେବାପାଇଁ ପରାମର୍ଶ ଦେବା ସହ ଆଗାମୀ ବର୍ଷ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ମିଳନୀରେ ୨୦୨୨ ମସିହା ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ରାଜ୍ୟରେ ଥିବା ବିଭିନ୍ନ ବର୍ଗର ବିଦ୍ୟାଳୟମାନଙ୍କର ପ୍ରଦର୍ଶନ ଉପରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକ ରଘୁରାମ ଆୟାର ଅଲୋକପାତ କରିଥିଲେ । ଏହାପରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ଡିଗ୍ରୀ କଲେଜ ବା ବିଶ୍ୱବିଦ୍ୟାଳୟରୁ ପୃଥକୀକରଣ, ଅତିଥି ଶିକ୍ଷକ ନିୟୋଜିତ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶୈକ୍ଷିକ ତଦାରଖ ବ୍ୟବସ୍ଥା, ଧନ୍ଦାମୂଳକ ଶିକ୍ଷାର ବିକାଶ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ବିଭିନ୍ନ ପ୍ରକାର ଇ-ଶିକ୍ଷଣ ଓ ଇ-ମୂଲ୍ୟାୟନ ସମ୍ବନ୍ଧରେ ଏସ୍‌ସିଇଆରଟି ତରଫରୁ ତାଲିମ ଦିଆଯାଇଥିବାବେଳେ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ୫୫୦ରୁ ଊର୍ଦ୍ଧ୍ୱ କ୍ୟାରିଅର ଓ ୧୨୦୦ରୁ ଊର୍ଦ୍ଧ୍ୱ ବୃତି ସମ୍ବଳିତ ଓଡ଼ିଶା କ୍ୟାରିଅର ପୋର୍ଟାଲ ଉପରେ ୟୁନିସେଫ୍ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଥିଲା ।

'କଳାକାର'ର ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଉଦ୍‌ଯାପିତ

ବାଲେଶ୍ୱର,୨୬/୦୯ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ନାଟ୍ୟାନୁଷ୍ଠାନ 'କଳାକାର'ର ୩୨ତମ ବାର୍ଷିକ ଉତ୍ସବ ଓ ୨୩ ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବର ଉଦଯାପନୀ ସଂଧ୍ୟା ସ୍ଥାନୀୟ ଟାଉନହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ 'କଳାକାର'ର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ରାଜ୍ୟ ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହିତ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାରେ ନାଟ୍ୟକଳାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ତେବେ ନାଟ୍ୟକଳାକୁ ଦୀର୍ଘ ୩୧ ବର୍ଷ ଧରି ଉଜ୍ଜୀବିତ ରଖିବାରେ ଏହି ଅନୁଷ୍ଠାନର ଉଦ୍ୟମ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିଛି ବୋଲି ସେ ମତ ପ୍ରକାଶ କରିଥିଲେ । ସଦର ବିଧାୟକ ସ୍ୱରୂପ ଦାସ ଓ ରେବତୀ ପତ୍ରିକାର ସମ୍ପାଦିକା ସମାଜସେବୀ ସୁବାସିନୀ ଜେନା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାଟ୍ୟକଳାକୁ ବଞ୍ଚାଇ ରଖିବା ଓ ଛାତ୍ରଜୀବନରୁ ଶିଶୁମାନଙ୍କ ମଧ୍ୟରେ ମଂଚନାଟ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବାରେ 'କଳାକାର' ଅନୁଷ୍ଠାନ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇଛି ବୋଲି କହିଥିଲେ । ଏହି ଅବସରରେ ଅତିଥିମାନେ 'କଳାକାର' ପକ୍ଷରୁ ସମ୍ପାଦିତ ସ୍ମରଣିକାକୁ ଉନ୍ମୋଚନ କରିଥିଲେ । ୨୦ ତାରିଖରୁ ପ୍ରତି ସଂଧ୍ୟାରେ ଚାଲିଥିବା ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବରେ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିବା ନାଟ୍ୟ ନିର୍ଦ୍ଦେଶକ ରାଜୀବ ପାଣି, 'କଳାକାର'ର ଉପଦେଷ୍ଟା ରାଜେନ୍ଦ୍ର କିଶୋର ରାୟ ଓ କମଳାକାନ୍ତ ଆଚାର୍ଯ୍ୟଙ୍କୁ ଅନୁଷ୍ଠାନ ପକ୍ଷରୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । କଳାକାର ପକ୍ଷରୁ ଏହି ନାଟକ ମହୋତ୍ସବ ଆୟୋଜନରେ ବହୁ ଶିଶୁ କଳାକାର ସୃଷ୍ଟି ହୋଇପାରୁଛନ୍ତି ବୋଲି ସମ୍ମାନିତ ଅବସରରେ ବିଚାରକ ମଣ୍ଡଳୀ ମତବ୍ୟକ୍ତ କରିଥିଲେ । ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବରେ ମନୋନୀତ ଶ୍ରେଷ୍ଠ ନାଟକ, ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ଅଭିନେତାଙ୍କ ସମେତ ବିଭିନ୍ନ ବର୍ଗର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଥିଲା । ଉଦଯାପନୀ ସଂଧ୍ୟା କାର୍ଯ୍ୟକ୍ରମରେ ସୁଶାନ୍ତ କୁମାର ଦାସ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ କଳାକାରର ସମ୍ପାଦକ ସୌମ୍ୟରଞ୍ଜନ ପ୍ରଧାନ ବିବରଣୀ ପାଠ କରିଥିଲେ । ଯୋଗେଶ ମହାପାତ୍ର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପରେ 'କଳାକାର' ପ୍ରଯୋଜିତ ତଥା ନାଟ୍ୟକାର ପ୍ରଦୀପ ଭୌମିକଙ୍କ ରଚିତ ନାଟକ 'ସିଏ ଆସିବ ବୋଲି' ମଞ୍ଚସ୍ଥ ହୋଇଥିଲା । ଡ. ତୁରୁଣ ବିଶ୍ୱାଳ ଏହି ନାଟକରେ ନିର୍ଦ୍ଦେଶନା ଦେଇଥିଲେ । ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାମାନେ ଏଥିରେ ଅଭିନୟ କରିଥିଲେ । ଉଦଯାପନୀ ସଂଧ୍ୟାର କାର୍ଯ୍ୟକ୍ରମକୁ ବିଷ୍ଣୁ ପ୍ରସାଦ ମହାନ୍ତି, ସୁଧାଂଶୁ ଶେଖର ଦାସ, କମଳ କୁମାର ଗିରି, ଶ୍ରୀତମ ସିଂ, ଅମର ନାଥ ଗୋଛାୟତଙ୍କ ସମେତ ଅନୁଷ୍ଠାନର ସଦସ୍ୟମାନେ ପରିଚାଳନା କରିଥିଲେ ।

କୁରାଡ଼ିହାରେ ମେଗା ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ

ବସ୍ତା,୨୬/୦୯ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ କୁରାଡ଼ିହା ପଞ୍ଚାୟତ ଠାରେ ଆଜି ଏକ ବୃହତ ମେଗା ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଯାଇଅଛି । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହାକୁ ଉଦଘାଟନ କରିଥିଲେ ।ଆଜି ଏହି ଶିବିର ରେ ମୋଟ ୭୫୦ ଜଣ ରୋଗୀ ନାମ ପଞ୍ଜୀ କରଣ କରିଥିଲେ ।ଏଥିରେ ଭେଷଜ ବିଶେଷଜ୍ଞ ପ୍ରିୟ ରଂଜନ ବାରିକ, ସୂର୍ଯ୍ୟକାନ୍ତ ବେହେରା, ଚର୍ମ ରୋଗ ବିଶଷଜ୍ଞ ପଦ୍ମଲୋଚନ ମହାନ୍ତ, ଶିଶୁରୋଗ ବଶେଷଜ୍ଞ ପ୍ରିତମ ଘୋଷଲ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଅନୁପୂର୍ଣ୍ଣା ଜେନା ଓ ଦେବାଶିଷ ଗିରି ଏବଂ ଚକ୍ଷୁରୋଗ ବିଶଷଜ୍ଞ ବିଷ୍ଣୁ ଦର୍ସନୀ ଗିରି ପ୍ରମୁଖ ରୋଗୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି ଶିବିର ରେ ଅନ୍ୟମନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଶୁଭଙ୍କର ମହାପାତ୍ର, ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ସ୍ଥାନୀୟ ସରପଞ୍ଚ ନିରଞ୍ଜନ ଧଳ, ସମିତି ସଭ୍ୟ ରାଜକିଶୋର ମହାଳିକ, ପର୍ଶୁରାମ ବେହେରା, ଗୌରାଙ୍ଗ ଦାଶ, କାର୍ତ୍ତିକ ପ୍ରଧାନଙ୍କ ସମେତ ବିଜେପି ବହୁ କର୍ମୀ ଏଥିରେ ଯୋଗ ଦେଇଥିଲେ ।

ବାଲିପାଟଣା ବ୍ଲକରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି

ଭୁବନେଶ୍ୱର,୨୬/୦୯ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସୋମବାର ବାଲିପାଟଣା ବ୍ଲକ ଗସ୍ତ କରି ବ୍ଲକର ବିଭିନ୍ନ ଅଂଚଳରୁ ଆସିଥିବା ଜନସାଧାରଣଙ୍କର ଅଭିଯୋଗ ଶୁଣାଣି କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୋଟ ୯୭ଟି ଅଭିଯୋଗ ଗ୍ରହଣ କରାଯାଇଥିବା ସ୍ଥଳେ ୯୪ ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ସଂପର୍କିତ ଥିଲା ଓ ୩ଟି ସାମୁହିକ ଗ୍ରାମ୍ୟ ସମସ୍ୟା ସଂପର୍କିତ ରହିଥିଲା । ୦୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଅଭିଯୋଗ ଗୁଡିକ ମୁଖ୍ୟତଃ ବ୍ଲକ ଓ ତହସିଲ ପ୍ରଶାସନ ସଂପର୍କିତ ଥିବା ବେଳେ ବିଭିନ୍ନ ଆବାସ ଯୋଜନାରେ ଗୃହ ନିର୍ମାଣ ଏବଂଜବରଦଖଲ ଉଚ୍ଛେଦ ଆଦି ସଂପର୍କିତ ରହିଥିଲା । ଅଭିଯୋଗର ଶୁଣାଣି ପୂର୍ବକ ଜିଲ୍ଲାପାଳ ସେସବୁର ତ୍ୱରିତ କାର୍ଯ୍ୟନୁଷ୍ଠାନ ପାଇଁ ସଂପୃକ୍ତ ଜିଲ୍ଲା, ବ୍ଲକ ଓ ତହସିଲସ୍ତରୀୟ ଅଧିକାରୀମାନଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ମନୋଜ କୁମାର ପାଢୀ, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦିଗନ୍ତ କୁମାର ରାଉତରାୟ, ଭୁବନେଶ୍ୱରଉପ-ଜିଲ୍ଲାପାଳ ଦେବବ୍ରତ ସାହୁଙ୍କ ସମେତ ସମସ୍ତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ରୋଟାରୀ ହେରିଟେଜ୍‌ର ଦନ୍ତ ଚିକିତ୍ସା ଶିବିର

ବାରିପଦା,୨୬/୦୯ (ନି.ପ୍ର): ଏହି ବ୍ଲକ୍ ଅନ୍ତର୍ଗତ ରଙ୍ଗଲାଲ ବିଦ୍ୟାପୀଠ, କୈଳାଶ ଚନ୍ଦ୍ରପୁର ପରିସରରେ ରୋଟାରୀ କ୍ଲବ୍ ଅଫ୍ ବାରିପଦା ହେରିଟେଜ୍ ତରଫରୁ ଛାତ୍ର ଛାତ୍ରୀମାନଙ୍କର ଦନ୍ତରୋଗ ନିରୁପଣ ଓ ନିରାକରଣ ଜନିତ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କ୍ଲବ୍ ସଭାପତି ରୋଟାରିଆନ୍ ସନ୍ତୋଷ କୁମାର କାସ୍ତ, ରୋଟାରିଆନ୍ ଅମିତାଭ ପଟ୍ଟନାୟକ ଓ ଶୈବାଲକାନ୍ତ ନାୟକ ଯୋଗଦେଇ ରୋଟାରୀର ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ । ଏଥିରେ ମୋଟ୍ ୪୪ ଜଣ ଛାତ୍ରଛାତ୍ରୀଙ୍କର ଚିକିତ୍ସା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବଳରାମ ମହାନ୍ତି, ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଯଥା କୃଷ୍ଣଚନ୍ଦ୍ର ମହାନ୍ତ, ପ୍ରଦୀପ କୁମାର ମହାନ୍ତ, ପ୍ରଦୀପ କୁମାର ଆର୍ଯ୍ୟ, ସରିତା ପଟ୍ଟନାୟକ, ଦିବସ କୁମାର ମହାନ୍ତ, ପ୍ରଶାନ୍ତ ମହାନ୍ତ ତଥା କର୍ମରୀ ତାରାକାନ୍ତ ବେହେରା ଓ ସୁଶାନ୍ତ ମହାନ୍ତ ସହଯୋଗ କରିଥିଲେ ।

୩୫ତମ ଓଡ଼ିଶା ନାଟ୍ୟସଂଘ ଦିବସ

ବାଲେଶ୍ୱର,୨୬/୦୯ (ନି.ପ୍ର): ଓଡ଼ିଶା ନାଟ୍ୟସଂଘର ୩୫ତମ ଜନ୍ମୋତ୍ସବ ସ୍ଥାନୀୟ ନୃତ୍ୟସଂଗୀତ କଳାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ନାଟକର ସାଂପ୍ରତିକ ସ୍ଥିତି ଏବଂ ଏହାର ବିକାଶରେ ସମଗ୍ର ରାଜ୍ୟର ନାଟ୍ୟସଂସ୍ଥା, କଳାକାର, ନାଟ୍ୟସ୍ରଷ୍ଟାଙ୍କର ଉତ୍ତରଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସଂପ୍ରତି ଅନେକ କ୍ଷେତ୍ରରେ ନାଟକର ଅଭ୍ୟୁଦୟ ଘଟିବା ପରିଲକ୍ଷିତ ହୋଇଥିଲେ ବି ଏହାର ବିକାଶ ଓ ପ୍ରଗତିରେ ଥିବା ତ୍ରୁଟିବିଚ୍ୟୁତ ପ୍ରତି ଯତ୍ନଶୀଳ ହେବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଥିଲା । ଆଗାମୀ ଦିନରେ ପ୍ରତି ଜିଲାରେ ଓ ଜିଲ୍ଲା ବାହାରେ ଓଡ଼ିଆ ନାଟକର ବହୁଳ ପ୍ରଚାର ପ୍ରସାର ହେବାର ଯଥେଷ୍ଟ ସମ୍ଭାବନା ରହିଛି ।ଏହାର ସଫଳତା ତଥା ପରିଚାଳନା ଦିଗରେ ପ୍ରତି ନାଟ୍ୟସଂଘ ଗୁରୁତ୍ୱ ଦେବାକୁ ଏହି କାର୍ଯ୍ୟକ୍ରମରେ ପରାମର୍ଶ ଦିଆଯାଇଛି । ଆଜିର ଏହି ନାଟ୍ୟସଂଘ ଜନ୍ମୋତ୍ସବରେ ସ୍ରଷ୍ଟା ନାଟ୍ୟାନୁଷ୍ଠାନର ସଂପାଦକ ହେମେନ୍ଦ୍ର ମହାପାତ୍ର, 'ଚନ୍ଦ୍ରଭାଗା'ର ସଂପାଦକ ଶ୍ରୀଦେବ, 'ନାୟିକା'ର ଡେପୁଟି ଡାଇରେକ୍ଟର ଅରବିନ୍ଦ ସାହୁ, 'କଳାକାର'ର ସହସଂପାଦକ ତରୁଣ ବିଶ୍ୱାଳ, 'ଶୋଭା'ର ସଂପାଦକ ଆଶିଷ ବର୍ଦ୍ଧନ ପ୍ରମୁଖ ଉପସ୍ଥିତ ରହିଥିଲେ । ଏଥିରେ ଅଜୟ ଆଚାର୍ଯ୍ୟ ପ୍ରଦାନ କରିଥିବା ବେଳେ ଅର୍ଣ୍ଣବ କର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ବାଲେଶ୍ୱର ହାଇଲାଣ୍ଡ ଗ୍ରୁପର ଅଧ୍ୟକ୍ଷ ପ୍ରତୀକ ଜେନାଙ୍କୁ 'ସର୍ବୋତ୍ତମ ଯୁବ ଉଦ୍ୟୋଗୀ ସମ୍ମାନ'

ବାଲେଶ୍ୱର,୨୬/୦୯ (ନି.ପ୍ର): ବାଲେଶ୍ୱର ହାଇଲାଣ୍ଡ ଗ୍ରୁପର ଅଧ୍ୟକ୍ଷ ପ୍ରତୀକ ଜେନା ପାଇଛନ୍ତି ଚଳିତ ବର୍ଷର 'ସର୍ବୋତ୍ତମ ଯୁବ ଉଦ୍ୟୋଗୀ ସମ୍ମାନ' । ଗତ ସେପ୍ଟେମ୍ବର ୨୫ତାରିଖ ରବିବାର ସନ୍ଧ୍ୟାରେ ବୈଦ୍ୟୁତିକ ଗଣମାଧ୍ୟମ ନିୟୁଜ - ୧୮ ଓଡ଼ିଶା ପକ୍ଷରୁ ଭୁବନେଶ୍ୱର ର ହୋଟେଲ ମେ ଫେୟାର ଠାରେ ଆୟୋଜିତ ଆତ୍ମନିର୍ଭର ଓଡ଼ିଶା 'ବିଜିନେସ୍ ଲିଡରସିପ୍ ଆୱାର୍ଡ - ୨୦୨୨' କାର୍ଯ୍ୟକ୍ରମରେ ସେ ସମ୍ମାନିତ ହୋଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସରକାରଙ୍କ ଶିଳ୍ପ ଓ ଶକ୍ତି ବିଭାଗର ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦାନ କରି ଶ୍ରୀ ଜେନାଙ୍କୁ ଆୱାର୍ଡ ପ୍ରଦାନ କରିଥିଲେ । ଏଭଳି ସଫଳ ଉଦ୍ୟୋଗୀ ମାନେ ହିଁ ଆତ୍ମନିର୍ଭର ଓଡ଼ିଶା ନିର୍ମାଣ ବା ବିକାଶ କ୍ଷେତ୍ରରେ ପ୍ରମୁଖ ଭାଗୀଦାର ସାଜିବା ଫଳରେ ରାଜ୍ୟରେ କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇପାରୁଛି ବୋଲି ମନ୍ତ୍ରୀ କହିଥିଲେ । ଉଲ୍ଲେଖଯୋଗ୍ୟ ଯେ ହାଇଲାଣ୍ଡ ଆଗ୍ରୋ ଲିମିଟେଡ୍‌ର ମେନେଜିଂ ଡାଇରେକ୍ଟର ଶ୍ରୀ ଜେନା ୧୬ବର୍ଷ ବୟସରୁ ନିଜର ବ୍ୟବସାୟିକ କ୍ୟାରିଅର ଆରମ୍ଭ କରି ଏବେ ଦେଶର ଜଣେ ଜଣାଶୁଣା ଉଦ୍ୟୋଗୀ ପାଲଟିଛନ୍ତି । ଏତେ କମ ବୟସରେ ତାଙ୍କର ଏଭଳି ସଫଳତା ନିଶ୍ଚିତ ଭାବରେ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବା ସହିତ ଓଡ଼ିଶା ଅନ୍ୟ ରାଜ୍ୟ ମାନଙ୍କ ପାଇଁ ଉଦାହରଣ ହୋଇପାରିବ ବୋଲି ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ ଶ୍ରୀ ଜେନା ନିୟୁଜ - ୧୮ କୁ ଧନ୍ୟବାଦ ଦେଇଥିଲେ । ଏଥିସହ ସି-ଫୁଡ୍ ପ୍ରୋସେସିଂ ପ୍ଲାଣ୍ଟ ଓ ରପ୍ତାନି ଉଦ୍ୟୋଗ ମାଧ୍ୟମରେ ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଇ ପ୍ରାୟ ୩୦୦୦ରୁ ଅଧିକ ମହିଳାଙ୍କୁ କର୍ମସଂସ୍ଥାନ ଯୋଗାଇଦେବା ସହ ସେମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିପାରିଛନ୍ତି ଏବଂ ଦେଶର ମୁଦ୍ରା ଭଣ୍ଡାର ରେ ବୈଦେଶିକ ମୁଦ୍ରାର ଅଭିବୃଦ୍ଧିରେ ସହାୟକ ହୋଇପାରିଛନ୍ତି ବୋଲି କହିଥିଲେ ।

ସେଙ୍ଗେଲ ଅଭିଯାନର ଜନଜାଗରଣ ବୈଠକ

ବାରିପଦା,୨୬/୦୯ (ନି.ପ୍ର): ସେଙ୍ଗେଲ ମାଝୀ ପାର୍ଗାନା ମାଡଓ୍ୱା ସଭାପତି ବାବୁଲୁ ମୁର୍ମୁ ଏବଂ ସେଙ୍ଗେଲ ପାର୍ଗାନା ଦୁଃଖିରାମ ସୋରେନଙ୍କ ନେତୃତ୍ୱରେ ଶ୍ୟାମାଖୁଂଟା ବ୍ଲକର ମୁଦ୍ରାଯୋଡି ଗ୍ରାମରେ ଏକ ଜନଜାଗରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବରେ ଆଦିବାସୀ ସେଙ୍ଗେଲ ଅଭିଯାନ ବାରିପଦା ଜୋନାଲ କମିଟିର ସଭାପତି ନାରାନ ମୁର୍ମୁ ସହ ଉପସଭାପତି ଜିତେନ୍ଦ୍ର ନାଥ ହେମ୍ବ୍ରମ, ସବଡିଭିଜନାଲ ସେଙ୍ଗେଲ ସଭାପତି ବିକାଶ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇ ଆଦିବାସୀ ସାନ୍ତାଳ ମାନଙ୍କର ବିକାଶ ପାଇଁ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ଗଠିତ ହୋଇ ଦୀର୍ଘ ବର୍ଷ ଧରି ସ୍ୱତନ୍ତ୍ର ଝାଡଖଣ୍ଡ ରାଜ୍ୟରେ ସାଶନ କରିଥିଲେ ମଧ୍ୟ ସାନ୍ତାଳୀ ଭାଷାକୁ ଝାରଖଣ୍ଡର ପ୍ରଥମ ରାଜଭାଷା ମାନ୍ୟତା, ସାର୍ନା ଧର୍ମ କୋର୍ଡର ମାନ୍ୟତା, ସିଏନ୍‌ଟି, ଏସ୍‌ପିଟି କାନୁନ ଆଦି ରକ୍ଷା ପାଇଁ ତତ୍ପରତା ଦେଖାଇନାହାନ୍ତି । ଆଦିବାସୀ ସମାଜରେ ନିଶା ସେବନ, ଅନ୍ଧବିଶ୍ୱାସ ଡାହାଣୀ ପ୍ରଥା, କଙ୍ଗାରୁ କୋର୍ଟ, ମନ ଇଚ୍ଛା ଜରିମାନା, ସମାଜିକ ବହିଷ୍କାର, ଈର୍ଷା ଦ୍ୱେଷ, ଭୋଟ କିଣା ବିକା, ଆଦିବାସୀ ମହିଳା ବିରୋଧି ମାନସିକତା ଆଦି ଦୂର କରିବାର ପକ୍ଷରେ ମଧ୍ୟ ଠୋସ ପଦକ୍ଷେପ ନେଇ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି । ଏଣୁ ଆଦିବାସୀ ସ୍ୱଶାସନ ବ୍ୟବସ୍ଥାରେ ଜନତନ୍ତ୍ର ଏବଂ ସମ୍ବିଧାନ ଲାଗୁ କରିବା ପାଇଁ ସେଙ୍ଗେଲ ଅଭିଯାନ ପକ୍ଷରୁ ଦାବୀ କରାଯିବା ସହ ସାନ୍ତାଳ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଥିବାର କହିଛନ୍ତି ।

ପଶ୍ଚିମବଂଗକୁ